# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୨ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 October 2024 Vol.No. 35 ■ No.264 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



DADLS - 35



ସତ୍ୟମେବ ଜୟତେ

**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ରଘୁବର ଦାସ)

OIPR: 15001/13/0222/2425



DADLS - 35



ଓଡ଼ିଶା ସରକାର

**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ**
**ମାନ୍ୟବର ମୁଖ୍ୟମନ୍ତ୍ରୀ**
**ଶ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା**



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ ଓ ଅହିଂସାର ପ୍ରତୀକ । ତାଙ୍କର ଆଦର୍ଶ ଓ ବିଚାରଧାରାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ଆସନ୍ତୁ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0222/2425



କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**






# ଫସଲ ପାଇଁ ସୁରକ୍ଷାର ବରଦାନ, ପଲିସି ହାତରେ ପାଇଲା କୃଷକ

## ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ**

- 19.67 କୋଟି ଚାଷୀ ଭାଇ-ଭଉଣୀଙ୍କୁ ବର୍ତ୍ତମାନ ସୁଦ୍ଧା ମିଳିଛି ଫସଲ ବୀମାର ଲାଭ
- ₹1.65 ଲକ୍ଷ କୋଟି ଟଙ୍କାର ଦାବି ଚାଷୀମାନଙ୍କୁ ପଇଠ କରାଯାଇଛି
- 70 କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ ହୋଇଛି

ଦେଶବ୍ୟାପୀ ହେଲ୍ପଲାଇନ୍ 14447

ମୋ ପଲିସୀ ମୋ ହାତରେ
ମହା ଅଭିଯାନ
01 ଅକ୍ଟୋବର - 31 ଅକ୍ଟୋବର 2024

**ଆପଣଙ୍କ ଗାଁରେ ହେଉଥିବା ଶିବିରରେ ଏହି ବିଷୟ ଉପରେ ସୂଚନା ପାଆନ୍ତୁ:**
- ବୀମା ପଲିସୀ, ସରକାରୀ ନୀତି, ଭୂମି ଅଭିଲେଖ ଏବଂ ଦାବି ଓ ଅଭିଯୋଗ ନିବାରଣ
- ଚାଷୀଙ୍କ ପ୍ରଶିକ୍ଷଣ ପାଇଁ ଫସଲ ବୀମା ପାଠଶାଳା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ସଂସ୍ଥାମାନେ: AIC, Chola MS, Future Generali, HDFC ERGO, ICICI Lombard, Kshema, Oriental Insurance, Reliance General Insurance, SBI General, Universal Sompo General Insurance

**ଯୋଜନା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ**

ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY

ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

# ଡମପଡା ଗଡ଼ଜାତର ହରିହର ପୀଠ ଶ୍ରୀ ମହିମା ମଣି ମନ୍ଦିର ଏବଂ ଶ୍ରୀ ଲୋନାଥ

(ତଥ୍ୟ ସ୍ରୋତ - ଶ୍ରୀଯୁକ୍ତ ହରି ସ୍ୱାଇଁଙ୍କ ରଚିତ ଡମପଡା ଇତିହାସ)





ସୁଷମା ପରିଜା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁନଃଶ୍ଚ ସେହି ସମୟରେ ଓଡ଼ିଶାର ସୁବେଦାର ଥିବା ଦୁର୍ଦ୍ଦାନ୍ତ ତକୀ ଖାଁ ବାରମ୍ବାର ଖୋର୍ଦ୍ଧା ଦୁର୍ଗ ଏବଂ ଶ୍ରୀମନ୍ଦିର କୁ ଆକ୍ରମଣ କରିସ ଗଜପତି ରାମଚନ୍ଦ୍ର ଦେବଙ୍କ ଶାସନକୁ ଦୁର୍ବଳ କରି ପକାଇଥିଲା। ୧୭୩୩ ଖ୍ରୀଷ୍ଟାବ୍ଦରେ ତକୀ ଖାଁ ପୁନର୍ବାର ଆକ୍ରମଣ କରିବାର ସୂଚନା ପାଇ ଶ୍ରୀ ବିଗ୍ରହମାନଙ୍କୁ ଆଠଗଡ଼ର ମାରଦାକୁ ସ୍ଥାନାନ୍ତରିତ କରାଯାଇଥିଲା। ତକୀ ଖାଁ କାଳେ ଗଜପତି ମହାରାଜାଙ୍କୁ ବନ୍ଦୀ କରିନେବ ସେହି ଭୟରେ ଖୋରଧା ଏବଂ ଡମପଡ଼ାର ପାଇକମାନେ ମେଳି ହୋଇ ଗଜପତିଙ୍କୁ ରାତାରାତି ଆଣି ଡମପଡ଼ାର ଦାଣ୍ଡିମାଳ ଘନ ଜଙ୍ଗଲ ମଧ୍ୟରେ ସୁରକ୍ଷିତ କରି ରଖିଥିଲେ। ଏ କଥା ପ୍ରଖ୍ୟାତ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ତାଙ୍କର 'ନୀଳଶୈଳ'ରେ ଲେଖିଛନ୍ତି। ୧୭୩୪ ମସିହାରେ ତକୀ ଖାଁର ମୃତ୍ୟୁ ହେବା ପରେ ଗଜପତି ଖୋର୍ଦ୍ଧା ଦୁର୍ଗକୁ ଫେରି ପାଇଥିଲେ। ତାଙ୍କ ଜୀବନର ଘଡିସନ୍ଧି ମୁହୂର୍ତ୍ତରେ ଯଶୋବନ୍ତ ନରେନ୍ଦ୍ର ଭ୍ରମରବରରାୟଙ୍କ ସାହାଯ୍ୟକୁ ସମ୍ମାନ ଜଣାଇ ୧୭୩୫ ମସିହାରେ ତାଙ୍କୁ 'ମାନସିଂହ' ପଦବୀ ପ୍ରଦାନ କରିଥିଲେ। ସେ ପରିଚିତ ହୋଇଥିଲେ ଯଶୋବନ୍ତ ଭ୍ରମରବରରାୟ ମାନସିଂହ ଭାବରେ। ଏହି ରାଜା ଅତ୍ୟନ୍ତ ଲୋକପ୍ରିୟ ଏବଂ ଈଶ୍ୱରଭକ୍ତ ଥିଲେ। ଡମପଡ଼ା ରେ ତାଙ୍କର ପୂର୍ବଜ କୃପାସିନ୍ଧୁ ନରେନ୍ଦ୍ର ଭ୍ରମରବର ରାୟ ଆରମ୍ଭ କରିଥିବା ଜଗନ୍ନାଥ ମନ୍ଦିରଟି ଏହାଙ୍କ ସମୟରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ୧୭୪୦ ମସିହାରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ବିଗ୍ରହ ଏଠାରେ ପ୍ରତିଷ୍ଠିତ ହୋଇଥିଲେ। ସେମାନଙ୍କ ନିତ୍ୟ ପୂଜାର୍ଚ୍ଚନା ପାଇଁ ବ୍ରାହ୍ମଣ ସେବକ ମାନଙ୍କୁ ଜମିଜାଗିରୀ ଖଞ୍ଜି ଦେଇଥିଲେ। ଏହି ନୂତନ ପ୍ରତିଷ୍ଠିତ ମନ୍ଦିରର ପ୍ରଥମ ସେବକ ଥିଲେ ଶ୍ରୀ କୃପାସିନ୍ଧୁ ଦାଶ। ପରବର୍ତ୍ତୀ ସମୟରୁ ଏଯାବତ୍ ଏହାଙ୍କର ବଂଶଧର ମାନେ ଠାକୁରଙ୍କ ସେବା କରି ଆସୁଛନ୍ତି। ବର୍ତ୍ତମାନ ଶ୍ରୀ ଶିବ ଦାଶ ଏଠାକାର ବଡ଼ପଣ୍ଡା ସେବକ ଅଛନ୍ତି।

ମୁଣ୍ଡିଆ ଉପର ରାଜପ୍ରସାଦକୁ ଯିବା ପାଇଁ ରାଜା ସେ ସମୟରେ ପାହାଡ଼ କାଟି ପାହାଚ ତିଆରି କରାଇଥିଲେ ! ସେଇ ପାହାଚ ଦେଇ ତଳୁ ପାଣି ବୋହି ନିଆ ଯାଉଥିଲା ରାଜପ୍ରାସାଦରେ ବ୍ୟବହାର କର୍ବା ପାଇଁ। ସେଇ ପାହାଚ ଦେଇ ମନ୍ଦିରକୁ ଯିବାକୁ ହେଉଥିଲା। ମହିମାମଣିଙ୍କ ମୁଖ୍ୟ ମନ୍ଦିରଟିର ଉଚ୍ଚତା ପ୍ରାୟ ପଚାଶ ହାତ । ମନ୍ଦିରଟି ପାରମ୍ପରିକ ପୀଢ଼ି ବିମାନ ଶୈଳୀରେ ନିର୍ମିତ। ଯଥାରୀତି ଏଥିରେ ରହିଛି ଜଗମୋହନ ନାଟମଣ୍ଡପ ଏବଂ ରତ୍ନସିଂହାସନ। ରତ୍ନସିଂହାସନ ସମ୍ମୁଖରେ ରହିଛି ଗରୁଡ଼ ସ୍ତମ୍ଭ। ଗରୁଡ଼ ସ୍ତମ୍ଭ ସମ୍ମୁଖସ୍ଥ ଭିତର ଦ୍ୱାରର କାନ୍ଥରେ ରହିଛି ନବଗ୍ରହ ମାନଙ୍କ ମୂର୍ତ୍ତି। ଭିତର ଦ୍ୱାରର ଦୁଇପଟେ ଦୁଇଜଣ ଦ୍ୱାରପାଳ ରହିଛନ୍ତି । ମନ୍ଦିରଟି ପୂର୍ବ ମୁଖା। ପୂର୍ବ ଦିଗରେ ବାହାର ପଟକୁ ରହିଛି ଅରୁଣ ସ୍ତମ୍ଭ। ପାର୍ଶ୍ୱ ଦେବତା ଭାବରେ ଦକ୍ଷିଣରେ ବରାହ, ପଶ୍ଚିମରେ ନୃସିଂହ, ଏବଂ ଉତ୍ତରରେ ବାମନ ରହିଛନ୍ତି। ଏତଦବ୍ୟତୀତ ମନ୍ଦିର ବେଢ଼ାରେ ରୋଷଘର, ସ୍ନାନ ମଣ୍ଡପ, ଛୋଟ ଛୋଟ ହନୁମାନ ଏବଂ ଅନ୍ୟ ଦେବା ଦେବୀଙ୍କର ମୂର୍ତ୍ତି ରହିଛି।

ଏବେ ମନ୍ଦିର ପରିଚାଳନା କମିଟି ଦ୍ୱାରା ଏହାର ସୁପରିଚାଳନା କରାଯାଉଛି। ଠାକୁର ମାନଙ୍କ ପାଖରେ ସକାଳେ ମଙ୍ଗଳ ଆଳତି ପରେ ଅବକାଶ ହୋଇ ବାଲଭୋଗ ଏବଂ ମଧ୍ୟାହ୍ନରେ ଅନ୍ନପ୍ରସାଦ ଲାଗି ହୋଇଥାଏ । ସନ୍ଧ୍ୟା ଆଳତି ପରେ ବାଳଭୋଗ ହୋଇଥାଏ। ପୁରୀ ଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ପ୍ରାୟ ସମସ୍ତ ପର୍ବପର୍ବାଣୀ ଡମପଡା ମହିମା ମଣିଙ୍କ ମନ୍ଦିରରେ ପାଳନ କରାଯାଇଥାଏ। ରଥଯାତ୍ରା ଏଠାକାର ମୁଖ୍ୟ ପର୍ବ ହେଉଛି ରଥଯାତ୍ରା। ଶ୍ରୀକ୍ଷେତ୍ର ଭଳି ଏଠାରେ ତିନୋଟି ରଥ ହୁଏ ନାହିଁ କିନ୍ତୁ ଗୋଟିଏ ରଥରେ ମହାସମାରୋହରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ହୋଇଥାଏ ମୁଣ୍ଡିଆ ତଳେ ଅନତିଦୂରରେ ଥିବା ମାଉସୀ ମା'ଙ୍କ ମନ୍ଦିରକୁ। ଆଖପାଖ ସମସ୍ତ ଗାଆଁରୁ ଭକ୍ତମାନେ ଛୁଟି ଆସନ୍ତି ଟିକିଏ ରଥ ଦଉଡ଼ିକୁ ଛୁଇଁ, ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଭୁ କରୁଣା ଲାଭ କରିବା ପାଇଁ। ସେ ସମୟରେ ଏଠାରେ ବଡ଼ ମେଳା ଲାଗେ, ଦୋକାନ ବଜାର ବସେ।



ପୁରାତନ ମୂର୍ତ୍ତି ଗୁଡ଼ିକ ଅତ୍ୟଧିକ ପୁରୁଣା ହୋଇ କ୍ଷୟ ହୋଇ ଯାଇ ଥିବାରୁ ଦୁଇ ହଜାର ଛଅ ମସିହାରେ ଶ୍ରୀ ଜିଉ ମାନଙ୍କର ନବ କଳେବର ହୋଇଛି । ସେହି ମୁଣ୍ଡିଆ ଉପରେ ପ୍ରଥମ କରି କୋଇଲି ବୈକୁଣ୍ଠ ନିର୍ମାଣ କରାଯାଇ ପୁରାତନ ବିଗ୍ରହ ମାନଙ୍କୁ ପାତାଳୀ କରାଯାଇଥିଲା। ସମୟକ୍ରମେ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ମା' ମହାଲକ୍ଷ୍ମୀଙ୍କର ଏକ ସୁନ୍ଦର ମନ୍ଦିର ଗଢା ହୋଇଛି । ଏବଂ ଏବେ ମା' ବିମଳାଙ୍କ ମନ୍ଦିର ଗଢ଼ା ଚାଲିଛି। ମନ୍ଦିରକୁ ଯାତାୟତ କରିବା ପାଇଁ ପୂର୍ବରୁ ଥିବା ଆବୁଡା ଖାବୁଡା ପାହାଚକୁ ସମତଳ କରି ସେଥିରେ ଟାଇଲ୍ ବିଛାଇ ଦିଆ ଯାଇଛି। ମୁଣ୍ଡିଆ ଉପରେ ତହସିଲ୍ ଅଫିସ୍ ଏବଂ ଅଗ୍ନିଶମ ବାହିନୀର ଅଫିସ୍ ଖୋଲାଥିବାରୁ ଲୋକମାନଙ୍କ ଯାତାୟତ ପାଇଁ ମନ୍ଦିର ତଳରୁ ଉପର ଯାଏଁ ଏକ ବୁଲାଣି ରାସ୍ତା ତିଆରି ହୋଇଛି, ଯେଉଁଥିରେ ଗାଡ଼ିମଟର ମଧ ସୁବିଧାରେ ମନ୍ଦିର ନିକଟକୁ ଯାଇ ପାରୁଛି। ସେଥିପାଇଁ ଏବେ ପ୍ରାୟତଃ ଭକ୍ତ ମାନଙ୍କ ଭିଡ଼ ଲାଗି ରହୁଛି ସେଠାରେ। ମୁଣ୍ଡିଆ ଉପରେ ଛୋଟ ଶିଶୁ ଉଦ୍ୟାନ ମଧ ତିଆରି ହୋଇଛି। ମୁଣ୍ଡିଆ ଉପରେ ଠିଆ ହୋଇ ଚାହିଁଲେ ସେ ସମୟରେ କଟକର କଚେରୀ କୋଠା ଦିଶୁଥିଲା, ହେଲେ ଏବେ ଘରଦ୍ୱାର ବଢିଯିବାରୁ ଆଉ ଦିଶୁନାହିଁ ସିନା ସେଠାରୁ ଦିଶୁଥିବା ଅଞ୍ଚଳର ପ୍ରାକୃତିକ ଶୋଭା ଏତେ ମନୋହର ଯେ ଥରେ ଦେଖିଲେ ସାରାଜୀବନ ଭୁଲି ହେବନାହିଁ।

ମହିମା ମଣି ମନ୍ଦିରର ଅନତି ଦୂରରେ ପୂଜା ପାଉଛନ୍ତି ଖରାଖିଆ ମହାଦେବ ଶ୍ରୀ ଲୋକନାଥ। ଠାକୁରଙ୍କ ବିଷୟରେ ଏକ ସୁନ୍ଦର ଜନଶ୍ରୁତି ରହିଛି। ଥରେ ଚୋରଟିଏ ଜମିଦାର ଘରୁ ଶଗଡେ ଶୁଖିଲା ବାଉଁଶ ଚୋରେଇ ନେଇ ଗାଆଁକୁ ଯିବା



ବାଟରେ ସଞ୍ଜ ହୋଇ ଯିବାରୁ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏହି ମୁଣ୍ଡିଆ ଉପରେ ବିରାଟ ବଡ ଗଛ ମାନଙ୍କ ଆଢୁଆଳରେ ଶଗଡ଼ଟି ରଖି ଲୁଚି ରହିଲା। ଏଣେ ଜମିଦାରଙ୍କ ଜଗୁଆଳି ମାନେ ତା'କୁ ଖୋଜିବା ଆରମ୍ଭ କରିଦେଇଥିଲେ। ଭୋର୍ ଭୋର୍ ହୋଇ ଆସୁଥିବା ସମୟରେ ସେମାନେ ମୁଣ୍ଡିଆ ଉପରକୁ ଉଠିବାର ଶବ୍ଦ ଶୁଣି ଧରାପଡ଼ି ଜେଲ ଯିବା ଭୟରେ ଗୋଟିଏ ବୁଦା ଉହାଡରେ ଲୁଚିରହିଥିବା ସମୟରେ ତା'ର ଦୃଷ୍ଟିରେ ପଡ଼ିଥିଲା ଶିବଲିଙ୍ଗଟିଏ। ପ୍ରାଣ ବିକଳରେ ଚୋରଟି ଦୁଇହାତ ଜୋଡି ଭଗବାନକୁ ପ୍ରାର୍ଥନା କଲା " ହେ ପ୍ରଭୁ ! ଭୋକ ଉପାସ ରେ ଥିବା ମୋ'ର ପରିବାର ମୁହଁରେ ମୁଠାଏ ଦାନା ଦେବାକୁ ନିରୁପାୟ ହୋଇ ମୁଁ ଏ ଚୋରି କରିଛି। ମୋ'ର ଦୋଷ ଅପ୍ରାଧ କ୍ଷମା କର ପ୍ରଭୁ ! ଯଦି ତୁମେ ସତରେ ଠାକୁର ହୋଇଥିବ ତେବେ ମୋ'ର ଦୁଃଖ ବୁଝିବ ଏବଂ ଏ ଶଗଡ଼କ ଶୁଖିଲା ବାଉଁଶକୁ କଞ୍ଚା କରିଦେଇ ମୋତେ ଜମିଦାରଙ୍କ ଜଗୁଆଳିଙ୍କ କବଳରୁ ରକ୍ଷା କରିବ । ରାତି ପାହିଲା ବେଳକୁ ସତକୁ ସତ ସେ ବାଉଁଶ ତକ ଗଜା ହୋଇ ବଡ ବଡ ବାଉଁଶ ବୁଦା ରେ ପରିଣତ ହୋଇ ଯାଇଥିଲା ଏବଂ ଚୋରଟି ରକ୍ଷା ପାଇ ଯାଇଥିଲା। ଚୋରଟି କୃତ୍ୟ କୃତ୍ୟ ହୋଇ ଠାକୁରଙ୍କୁ ମୁଣ୍ଡିଆ ମାରି ତଳକୁ ଓହ୍ଲାଇବା ପରେ ଗ୍ରାମବାସୀମାନଙ୍କୁ ମୁଣ୍ଡିଆ ଉପରେ ଶିବଲିଙ୍ଗ ଟିଏ ଥିବା କଥା ଜଣାଇଥିଲା। ଅଗମ୍ୟ ସେଇ ପାହାଡ଼ର ଚୂଡାକୁ ଯାଇ ଗ୍ରାମବାସୀମାନେ ଠାକୁରଙ୍କୁ ପ୍ରତ୍ୟକ୍ଷ ଦେଖି ସେଠାରେ ମନ୍ଦିରଟିଏ ତୋଳିବାକୁ ରାଜାଙ୍କୁ ଅନୁରୋଧ କଲେ। ରାଜା ମନ୍ଦିରଟି ତୋଳିବାକୁ ଯାଇଥିବାବେଳେ ତାଙ୍କୁ ଠାକୁରଙ୍କ ସ୍ୱପ୍ନାଦେଶ ହେଲା ଯେ ମୁଁ ଏଇଠି ଏମିତି ଖୋଲା ସ୍ଥାନରେ ରହି ପୂଜା ପାଇବାକୁ ଚାହେଁ। ମୋ' ପାଇଁ ମନ୍ଦିର ଲୋଡା ନାହିଁ । ଲୋକଙ୍କର ମଙ୍ଗଳ କରିବା ହେତୁ ତାଙ୍କର ନାମ ରଖାଯାଇଥିଲା ଲୋକନାଥ। ସେ କାଳରୁ ସେଇଠି ସେମିତି ଖୋଲା ଆକାଶ ତଳେ ରହି ପୂଜା ପାଉଛନ୍ତି ଲୋକନାଥ ଦେବ। ମହିମା ମଣିଙ୍କ ସେବକମାନେ ତାଙ୍କର ପୂଜାର୍ଚ୍ଚନା କରିଥାନ୍ତି। ମହିମା ମଣିଙ୍କୁ ଲାଗି ହେଉଥିବା ଅନ୍ନ ପ୍ରସାଦ ତାଙ୍କୁ ମଧ ଲାଗି କରାଯାଏ। ହରି ହରଙ୍କର ଏକତ୍ର ବାସସ୍ଥାନ ସେହି ଜଗନ୍ନାଥ ମୁଣ୍ଡିଆ, ମହା ପବିତ୍ର ପୀଠ ସେ। ଲୋକନାଥ ଦେବଙ୍କର ମୁଖ୍ୟ ପର୍ବ ମଧ୍ୟରେ ରହିଛି ଶିବ ଚତୁର୍ଦ୍ଦଶୀ ବା ଜାଗର, ଶିବ ବିବାହ ବା ଶୀତଳଷଷ୍ଠୀ ଏବଂ ଭୀଷ୍ମ ପଞ୍ଚକ। ଶୀତଳ ଷଷ୍ଠୀରେ ଏଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସ ସୋମବାର ମାନଙ୍କରେ ଭକ୍ତମାନେ ଏଠାରେ ଜଳଲାଗି କରିଥାନ୍ତି। ବାବା ଲୋକନାଥ ବଡ଼ ପ୍ରତ୍ୟକ୍ଷ ଦେବତା । (ସମାପ୍ତ)

+ଶାରଳା ଭବନ, ପୋତା ପୋଖରୀ, କଟକ-୪
ମୋ:୯୩୩୭୨୭୨୬୪୭

## ଆସ ହେ ମୋହନ ଦାସ

### ରତ୍ନକାନ୍ତି ମିଶ୍ର

ବୀର ପ୍ରସବିନୀ ଭାରତ ଜନନୀ
ନିରବେ ଝରାଏ ଲୁହ
ଅବତରି ଆସ ହେ ମୋହନ ଦାସ
ତା ଦୁର୍ଦ୍ଦଶା ଦେଖିଯାଅ ।

ମୁକ୍ତି ମଶାଲ ଜଳେ ନାହିଁ ଏଠି
ଅପମୃତ୍ୟୁ ଜୁଇ ଜଳେ
ଦେହ ସର୍ବସ୍ୱ ନର ରାକ୍ଷସ
ପ୍ରାଣଘାତୀ ହୁଏ ଛଳେ ।

ରକ୍ତ ଲୋଲୁପୀ ଛଦ୍ମବେଶରେ
ସନ୍ତ୍ରାସେ ଛନ୍ତି ମାତି
ଅର୍ଥ ପିପାସୀ କ୍ଷମତା ପାଗଳ
ତକ୍ଷକ ପରାଏ ମତି ।

ତିଳ ତିଳ କରି ଜାଳିଲ ଜୀବନ
ଜନନୀର ମୁକ୍ତି ପାଇଁ
ନିର୍ବୋଧ ମାନବ ସଇତାନ ସାଜି
ମୁକ୍ତି ମୂଲ୍ୟ ବୁଝେନାହିଁ।

ବେଦନା ବିଧୁରେ ସଜଳ ନୟନେ
ଚାହିଁଛି ସାବରମତୀ
ଥରେ ଆସି ବାପୁ
ଦେଖ ଏ ଦେଶର
ଅଧୋଗତି ଦୁର୍ଗତି ।

ଆସ ପୂଣ୍ୟଶ୍ଳୋକ ଏ ମହାନାୟକ
ଆସ ହେ ଜାତିର ପିତା
ତୁମରି ଅହିଂସା ମନ୍ତ୍ରର ଝଙ୍କାରେ
ହସୁ ଏ ଭାରତ ମାତା ।

+ଆଳି, କେନ୍ଦ୍ରାପଡା

## ପ୍ରିୟ ବାପୁ ମହାତ୍ମା

### ନୂତନ କୁମାର ବେହେରା

ହେ ପ୍ରିୟ ମହାତ୍ମା ଜାତିର ଜନକ,
ସତ୍ୟ ଅହିଂସାର ଅନନ୍ୟ ପୂଜକ।

କାବା ଗାନ୍ଧୀ ପୁତୁଲୀ ବାଇଙ୍କ ସୁତ,
ମହାତ୍ମା ଭାବେ ସାରା ଜଗତେ ଖ୍ୟାତ।

ମୋହନ ନାମେ ମୋହିତ କଲ ବିଶ୍ୱ,
ଧରି ଏକ ଦୀନଜନ ଯୋଗୀ ବେଶ।

ସାବରମତୀ ଆଶ୍ରମ ସାଧୁ ସନ୍ଥ,
ଶିକ୍ଷା ଦୀକ୍ଷା ଦେଲ ପଢି ଗୀତା ଗ୍ରନ୍ଥ।

କରି ତୁମେ ସ୍ୱାଧୀନତା ଆନ୍ଦୋଳନ,
ସ୍ୱରାଜ୍ୟେ ଆଣିଲ ନବଜାଗରଣ।

ଛାଡି ଏ ଦେଶ ଚାଲିଗଲା ବ୍ରିଟିଶ,
ସ୍ୱାଧୀନତା ଆଣି ରଖିଲ ତ ଯଶ।

ସେବା ତ୍ୟାଗ ନେତୃତ୍ୱରେ ଭୀଷ୍ମଦେବ,
ସଂକଳ୍ପେ ରଖିଲ ଜାତୀୟତା ଭାବ।

ରାମ ରାଜ୍ୟର କରି ପରିକଳ୍ପନା,
ଦେଶେ କଲ କେତେ ବିକାଶ ଯୋଜନା।

ଜାତିର ପିତା ଚିରପୂଜ୍ୟ ମହାତ୍ମା,
ନର ଦେହେ ଥିଲା ତୁମ ଦେବ ଆତ୍ମା।

ଏ ଜାତି ତୁମକୁ ଝୁରେ ମନେ ପ୍ରାଣେ,
ଆଶିଷ ଦିଅ ଜନେ ଜନ କଲ୍ୟାଣେ।

ଏକଶତ ପଞ୍ଚାବନ ଜୟନ୍ତୀ,
ପାଳନେ ଦୂର ହେଉ ଏ ହିଂସା କ୍ରାନ୍ତି।

ସୁନାର ଭାରତ ହେଉ ଅଦ୍ୱିତୀୟ,
ସବୁ କ୍ଷେତ୍ରେ ପାଇ ଅପୂର୍ବ ବିଜୟ।

ଏ ପୂଣ୍ୟ ଦିବସେ କୋଟି କୋଟି ନମ,
ଜ୍ୟୋତିର୍ମୟ ରହୁ ଜାତିର ସୁନାମ।

କୋହି,ବାରିପଦା ,ମୟୂରଭଞ୍ଜ
ମୋ: ୮୦୧୮୫୩୩୨୨

## ବାପୁ ତୁମେ ଫେରି ଆସ

### ରମେଶ ଚନ୍ଦ୍ର ନାୟକ

ସତ୍ୟ ଅହିଂସାର ପରମ ପୂଜାରୀ
ଜାତିର ଜନକ ଗାନ୍ଧୀ
ଏକତା ସୂତ୍ରରେ ଦେଶ ଜନତାଙ୍କୁ
ରଖିଥିଲେ ପରା ବାନ୍ଧି ।

ଅହିଂସା ମାର୍ଗରେ ଆନ୍ଦୋଳନ କରି
ଆଣି ଦେଲେ ସ୍ୱାଧୀନତା
ସ୍ୱାଧୀନ ଭାରତେ ସ୍ୱାଧୀନ ସନ୍ତାନ
ସ୍ୱାଧୀନ ହେଲା ତ ଚିନ୍ତା ।

ଫିରିଙ୍ଗି ଶାସନ ହୋଇଲା କାତର
ଦେଖି ଅହିଂସାର ନୀତି
ଅହିଂସା ପୂଜାରୀ ବଳେ ବଳିୟାନ
ହୋଇଲା ଦେଶ ପ୍ରଗତି ।

ସତ୍ୟ ଶାନ୍ତି ଦୟା କ୍ଷମାର ସାଗର
ସାକ୍ଷାତ ଈଶ୍ୱର ସମ
ସାମ୍ୟ ମୈତ୍ରୀ ପ୍ରୀତି ସେବା ନ୍ୟାୟ ଧର୍ମ
ହୃଦେ ତାଙ୍କ ପରିପୂର୍ଣ୍ଣ ।

ଗାନ୍ଧୀ ପ୍ରଦର୍ଶିତ ସୁଉଦାର ନୀତି
ଭାରତ ହୋଇଛି ଧନ୍ୟ
ଅସ୍ପୃଶ୍ୟତା ଏକ ସାମାଜିକ ବ୍ୟାଧି
କରେ ତାଙ୍କ ଗୁଣ ଗାନ ।

ଗ୍ରାମ ସ୍ୱରାଜର ସ୍ୱପ୍ନ ଦ୍ରଷ୍ଟା ନର
କୃଷିର ବିକାଶ ପ୍ରତି
କୁଟୀର ଶିଳ୍ପର ସ୍ଥାପନ ନିମନ୍ତେ
ଚିନ୍ତା ଥିଲା ଦିନ ରାତି ।

ଗାନ୍ଧିଙ୍କ ବିଶ୍ୱାସ ମନୁଷ୍ୟର ଆତ୍ମା
ଅଟେ ଯେ ଅବନିଶ୍ୱର
ସେହି ଆତ୍ମା ପ୍ରତି ନିଷ୍ଠୁର ନ ହୋଇ
କର ହେ ଯତ୍ନ ଆଦର ।

ଅକ୍ଟୋବର ଦୁଇ ତାରିଖ ତିଥିରେ
ଜୟ ଜୟ ଗାନ୍ଧୀ କଥା
ସେ ଯୁଗ ପୁରୁଷ ମହା ମାନବଙ୍କ
ଚରଣରେ ନୁଏଁ ମଥା ।

ଏ ପୁଣ୍ୟ ତିଥିରେ ମାଗୁଣି ଏତିକି
ଢାଳି ଦିଅ ହେ ଆଶିଷ
ରାମ ରାଇଜର ଶାସନ ଦେବାକୁ
ବାପୁ ତୁମେ ଫେରି ଆସ।

କେଶରପୁର , ବକ୍ସି ବଜାର ,
କଟକ
ମୋ :- ୭୯୭୮୧୫୧୭୧୦

## ଅହିଂସା ଦିବସ

### ନଳିନୀ ଦାଶ

ସୁନାର ଭାରତ ହୋଇଲାଣି ଚୁନା
ବାପୁ ଦେଖିଯାଅ ଥରେ
ତୁମକୁ ଖୋଜୁଛୁ ଜନମ ତିଥିରେ
ଆଖିର ଲୋତକ ଧାରେ ।

ବିଦେଶୀ ଦ୍ରବ୍ୟର ବର୍ଜନ ପାଇଁକି
ବାରତା ଦେଲହେ କାନେ
ଏବେ ଭାରତରେ ବିଦେଶୀ ଦ୍ରବ୍ୟକୁ
ଖାଆନ୍ତି ଆନନ୍ଦ ମନେ ।

ଯୁବକ ଯୁବତୀ ମାନଙ୍କୁ ଶିକ୍ଷିତ
କରିବା ପାଇଁ ଭାରତେ
ମୌଳିକ ଶିକ୍ଷାର ପ୍ରଚଳନ କଲ
ତୁମେ ଜ୍ଞାନ ବୁଦ୍ଧି ମତେ ।

ଆମ ଭାରତର ଉନ୍ନତି କରଣେ
ଦେଲ ଧନ୍ଧାମୂଳକ ଶିକ୍ଷା
ଏବେକାର ଛାତ୍ର ବିଦେଶ ଯାଆନ୍ତି
ପାଇବାକୁ ଉଚ୍ଚଶିକ୍ଷା ।

ବର୍ଣ୍ଣ ବୈଷମ୍ୟର ଶିକାର ହୋଇଲ
ଗୋରାଙ୍କ ବିରୁଦ୍ଧେ ଯାଇ
ଅହିଂସା ସଂଗ୍ରାମ କରିଥିଲ ବାପୁ
ମନୁ ଭୟ ଛାଡି ଦେଇ ।

ବ୍ରହ୍ମଚର୍ଯ୍ୟ ବ୍ରତ ପାଳନେ ଶପଥ
ଇଂଲଣ୍ଡକୁ ଯାତ୍ରା କଲ ସତ୍ୟାଗ୍ରହ
କରି ନଅ ମାସ ତୁମେ
କାରାଦଣ୍ଡ ଭୋଗିଥିଲ ।

ସବାରମତୀର ସନ୍ଥ ସାଜିଥିଲ
ଦୀନ ଦୁଃଖିଙ୍କର ପାଇଁ
ଶ୍ରମିକଙ୍କ ଦୁଃଖ ବୁଝିବା ପାଇଁକି
ନେତୃତ୍ୱ ଥିଲ ହେ ନେଇ ।

ଶପଥ କରିଲ ଖଦଡ଼ ପିନ୍ଧିବ
ଉଠାଇଲ ଜାତିପ୍ରଥା
ଅହିଂସା ଅସ୍ତ୍ରରେ ଗୋରାଙ୍କୁ ତଡିଲ
ନୁଆଁଇଲ ନାହିଁ ମଥା ।

ଭାରତଛାଡ଼ ଆନ୍ଦୋଳନ କଲ
ଜନତା ଏକାଠି କରି
ଗୋରା ପଳାଇଲେ ଆମ ଦେଶ ଛାଡ଼ି
ଦେଇ ଶାସନର ଡୋରି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

## ପୂଜ୍ୟ ବାପୁ

### କାହ୍ନୁ ଚରଣ ସାହୁ

ସତ୍ୟର ପୂଜାରୀ ଅହିଂସା ପ୍ରଚାରି
ଲଢ଼ିଲ ଫିରଙ୍ଗୀ ସାଥେ
ଅନ୍ୟାୟ ବିରୁଦ୍ଧେ ଉଠାଇଲ ସ୍ୱର
ହିଂସା ଜର୍ଜରିତ ପଥେ ।

ଶିଖାଇ ଦେଲ ହେ ଅହିଂସାର ନୀତି
ରାମରାଜ୍ୟ ଗଢିବାକୁ
ତୁମେ ଗଲାପରେ ହିଂସାରାଜ୍ୟ ଏଠି
ଆସଥରେ ଦେଖିବାକୁ ।

ଅହିଂସା ପାଇଁ ଦିନେ ସ୍ୱାଧୀନ ହେଲା
ଫିରଙ୍ଗୀ ହାତରୁ ଦେଶ
ବିଜୟର ସ୍ୱାଦ ଚାଖିଲା ଭାରତ
ହୃଦୟରୁ ବର୍ଜି କ୍ଳେଶ ।

ଅହିଂସାର ଦେଶେ ହିଂସାର ତାଣ୍ଡବ
ଅହରହ ଚାଲୁଥାଏ
ଭାଇଭାଇ ଏଠି ରକତ ବୁହାନ୍ତି
ହିଂସା, କ୍ରୋଧ ହୃଦେଥାଏ ।

ପବିତ୍ର ସମ୍ପର୍କ ରକ୍ତ ଅଭିଷେକ
କରୁଥାଏ ହିଂସା ପଥେ
ବିଶ୍ୱ ଭାତୃତ୍ୱର ମନ୍ତ୍ରକୁ ଭୁଲିଣ
ହୋଲିଖେଳେ ରକ୍ତସାଥେ ।

ଯେଉଁ ଦେଶ କୀର୍ତ୍ତି ଥିଲା ଇତିହାସେ
ଅହିଂସାର ଦେଶ ବୋଲି
ଅହିଂସାର ଗୀତି ଗାନ କରି ହୃଦେ
ଖାଇଥିଲା ବକ୍ଷେ ଗୁଳି ।

ନାରୀର ସମ୍ମାନ ଥିଲା ତାର ଧର୍ମ
ଆଜିଯେ ପିଉଛି ରକ୍ତ
ଅତ୍ୟାଚାରୀ ଆଜି ଧର୍ଷଣ କରୁଛି
କାମନାର ହୋଇ ଭକ୍ତ ।

ଆହେ ପୂଜ୍ୟ ବାପୁ ଜନ୍ମ ନିଅ ପୁଣି
ଗଢିବାକୁ ରାମରାଜ୍ୟ
ପାପୀ ଅତ୍ୟାଚାର ଦେଖି ତା ବର୍ବର
ତରଳି ଯାଉଛି ଧୈର୍ଯ୍ୟ ।

+ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ମୋ- ୮୨୪୯୫୨୦୮୮୦



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୨ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 October 2024

Vol.No. 35 ■ No.264 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଝାଡ଼ଖଣ୍ଡରେ ସଙ୍କଟରେ ଓଡ଼ିଆ ଅସ୍ମିତା, ଓଡ଼ିଆ ଲୋକେ ଏଠି ଉପେକ୍ଷିତ : ମୁଖ୍ୟମନ୍ତ୍ରୀ




ଝାଡ଼ଖଣ୍ଡ, ୦୧/୧୦ (ନି.ପ୍ର): ଝାଡ଼ଖଣ୍ଡରେ ସଙ୍କଟରେ ଓଡ଼ିଆ ଅସ୍ମିତା । ଏଠାରେ ଓଡ଼ିଆ ଭାଷା ଓ ଓଡ଼ିଆ ଲୋକେ ଉପେକ୍ଷିତ । ଝାଡ଼ଖଣ୍ଡ ଗସ୍ତ ଅବସରରେ ଚାଇଁବାସାରେ ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପୂର୍ବରୁ ଓଡ଼ିଆକୁ ଝାଡ଼ଖଣ୍ଡରେ ଦ୍ୱିତୀୟ ଭାଷାର ମାନ୍ୟତା ମିଳିଥିଲା, ମାତ୍ର ଏବେ ବାଦ୍ ପଡ଼ିଛି । ୨୦୦୭ରୁ ଏଠାରେ ଓଡ଼ିଆ ପିଲାଙ୍କୁ ବହି ଦିଆଯାଉନି । କିନ୍ତୁ ଆମ ସରକାର ଦଶମ ଯାଏଁ ପିଲାଙ୍କୁ ମାଗଣାରେ ବହି ବାଣ୍ଟିବେ । ଓଡ଼ିଆ ଲୋକଙ୍କ ପାଇଁ ଏକ କମିଟି ଗଠନ କରାଯିବ । କମିଟି ଏଠାକାର ଓଡ଼ିଆ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଝାଡ଼ଖଣ୍ଡରେ ଓଡ଼ିଆ ପିଲାଙ୍କ ପାଇଁ ନିଯୁକ୍ତ ଶିକ୍ଷକଙ୍କ ପାଉଣା ବଢ଼ିବ । ପାଉଣା ୩ ହଜାରରୁ ୬ ହଜାର ଟଙ୍କାକୁ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି । ସେପଟେ ଆସନ୍ତାକାଲିଠୁ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ 'ଉତ୍କର୍ଷ ୨୦୨୫'ର ପ୍ରାକ୍ ପ୍ରସ୍ତୁତି ପାଇଁ ଦିଲ୍ଲୀ ଯାଉଛନ୍ତି ସିଏମ୍ । ତାଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ସଚିବ, ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀ ଯାଉଛନ୍ତି । ଆସନ୍ତା ୩ ତାରିଖରେ ହୋଟେଲ ତାଜରେ ନିବେଶକ ସମ୍ମିଳନୀରେ ସାମିଲ ହେବେ । ବିଭିନ୍ନ ଦେଶର ଆମ୍ବାସାଡ଼ର, ହାଇକମିଶନର, ଟ୍ରେଡ୍ କମିଶନର, କନସଲ୍ଟ ଜେନେରାଲଙ୍କ ସହ ଆଲୋଚନା କରିବେ । ବିଭିନ୍ନ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ । ଶେଷରେ ଏକ ରୋଡ୍ ସୋ ଆୟୋଜିତ ହେବ । ଆସନ୍ତାବର୍ଷ ଜାନୁଆରି ୨୮ ଏବଂ ୨୯ ତାରିଖରେ ହେବାକୁ ଥିବା ମେକ ଇନ୍ ଓଡିଶା କନକ୍ଲେଭ୍ ଉତ୍କର୍ଷ ଓଡିଶା ପୂର୍ବରୁ ରାଜ୍ୟକୁ ନିବେଶ ଆଣିବାକୁ ନିବେଶକଙ୍କ ସହ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ ।

## ସ୍କାନରରେ ଗାଦିମଡ଼ା ପୁଲିସ ବାବୁ: ବଦଳି ପରେ ବଢ଼ିଲା ଚର୍ଚ୍ଚା



କଟକ, ୦୧/୧୦ (ନି.ପ୍ର): ଆଉ ଲବି ନୁହେଁ, କାର୍ଯ୍ୟଦକ୍ଷତା ଆଧାରରେ କମିଶନରେଟ୍ ପୋଲିସରେ ରହିବେ ଅଫିସର । ଲୋକଙ୍କୁ ଉତ୍ତମ ବ୍ୟବହାର ଓ ନ୍ୟାୟ ଦେବା ହେବ ଅଫିସରଙ୍କ ଦକ୍ଷତାର ମାପକାଠି । କମିଶନରେଟ୍ ପୋଲିସର ନୂଆ ମୁଖିଆ ଭାବେ ଦାୟିତ୍ୱ ନେବାର ଦିନକ ପରେ ଆଜି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଏମିତି ଚେତାବନୀ ଦେଇଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ । କମିଶନରଙ୍କ ଏ ମନ୍ତବ୍ୟ ପରେ ଗାଦିମଡ଼ା ପୁଲିସ ବାବୁଙ୍କ ଭିତରେ ଛନକା । ହେବ କି ଆକ୍ସନ୍ ? ବର୍ଷ ବର୍ଷ ଧରି ଟୁଇନସିଟିରେ ଘୁରି ବୁଲୁଥିବା ଅଫିସଙ୍କ ଜିଲ୍ଲା ବାହାରକୁ ହେବ କି ବଦଳି ? ନିକଟରେ ଜିଲ୍ଲାପାଳ ଓ ଏସପି ସମ୍ମିଳନୀରେ ଗାଦିମଡ଼ା ବାବୁଙ୍କ ସଂପର୍କରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଶକ୍ତ ଆଭିମୁଖ୍ୟ ପରେ, ସେଇ ଧାରାରେ ଯାଇ ପୋଲିସ କମିଶନର ବି କହିଛନ୍ତି, ଦୀର୍ଘଦିନରୁ ଥିବା ଅଧିକାରୀଙ୍କ ତଥ୍ୟ ନିଆଯିବ । ତଥ୍ୟ କହୁଛି ପାଖାପାଖି ୨୨ ରୁ ଅଧିକ ଅଫିସର ବର୍ଷ ବର୍ଷ ଧରି ଟ୍ୱିନସିଟିରେ ଗାଦିମାଡି ବସିଛନ୍ତି । ଏମିତି କିଛି ଅଫିସର ଅଛନ୍ତି ଯେଉଁମାନେ ଟ୍ୱିନସିଟିରେ ଝଓ ହୋଇ ଯୋଗ ଦେଇଥିଲେ, ସେ ଭିତରୁ କିଏ ଏସିପି ତ ଆଉ କିଏ ଅତିରିକ୍ତ ଡିସିପି ହୋଇ ସାରିଲେଣି । ଏହି ତାଲିକା ମଧ୍ୟରେ ଅଛନ୍ତି ଦୀର୍ଘ ୮ରୁ ୧୨ ବର୍ଷ ଧରି କମିଶନରେଟ୍ ପୋଲିସରେ ଥିବା ବର୍ତ୍ତମାନର ଅତିରିକ୍ତ ଡିସିପି- ସଞ୍ଜୀବ ଶତପଥୀ, ଏସ.କେ ସରିଫୁଦ୍ଦିନ, ପ୍ରକାଶ ଚନ୍ଦ୍ର ପାଲ, ଡିସିପି ପିସିଆର ବାନାମ୍ବର ସେଠୀ ପ୍ରମୁଖ । ସେହିଭଳି କଟକ ଭୁବନେଶ୍ୱର ନ ଛାଡି ଏ ଥାନାରୁ ସେ ଥାନା ଆଉ କମିସନରେଟ ମୁଖ୍ୟାଳୟ ବୁଲୁଥିବା ଅଫିସର ହେଲେ ଏସିପି ଗିରିଜା ଶଂକର ଚକ୍ରବର୍ତ୍ତୀ, ମାନସ ଗଡନାୟକ, ଶରତ ଚନ୍ଦ୍ର ସାହୁ, ହିମାଂଶୁ ସ୍ୱାଇଁ, ଜୟନ୍ତ ଦୋରା, ପ୍ରଦୀପ ରାଉତ, ଅମିତାଭ ମହାପାତ୍ର, ତାପସ ପ୍ରଧାନ, ଅରୁଣ ସ୍ୱାଇଁ, ଉମାକାନ୍ତ ପ୍ରଧାନ । ଏହାରି ଭିତରେ ଆଉ କିଛି ଅଫିସରଙ୍କର ରାଜଧାନୀ ମୋହ ଛାଡୁନି । ଏଇ ଯେମିତି ଉଝଚ ରଜତ ରାୟ । କମିଶନରେଟ ପୋଲିସ ଗଠନ ହେଲା ଦିନଠାରୁ ଅର୍ଥାତ ୨୦୦୮ରୁ ଭୁବନେଶ୍ୱରର ବିଭିନ୍ନ ଥାନା ବୁଲି ବୁଲି ଏବେ ସେ ପୋଲିସ ମୁଖ୍ୟାଳୟ ସହ ଆଟାଚ୍ ହୋଇଯାଇଛନ୍ତି । ସେହିଭଳି ଡିଏସପି ଭରତ ସାହୁ ଓ ଦୀପକ ମିଶ୍ରଙ୍କୁ କେତେବେଳେ କମିଶନରେଟ ପୋଲିସ ଆଉ କେତେବଳେ ଗୁଇନ୍ଦା ବିଭାଗରେ ରାଜଧାନୀରେ ହିଁ ପୋଷ୍ଟିଂ ମିଳିଯାଉଛି । ସେହିଭଳି ଥାନାରୁ ଥାନା ଆଇଆଇସି ହୋଇ ଘୁରି ବୁଲୁଥିବା ଅଫିସର ତାଲିକା ବି ବେଶ ଲମ୍ବା । ଯେଉଁଥିରେ ଆଇଆଇସି ଦୟାନିଧି ନାୟକ, ପଦ୍ମନାଭ ପ୍ରଧାନ, ରବୀନ୍ଦ୍ର ମେହେର ଭଳି ଅଫିସର ରହିଛନ୍ତି । ଖାଲି ଏସିପି କି ଆଇଆଇସି ନୁହଁନ୍ତି, ବର୍ଷ ବର୍ଷ ଧରି ଥାନା ଫାଣ୍ଡି ଛାଡୁନାହାନ୍ତି ଗଣ୍ଡା ଗଣ୍ଡା ପୋଲିସ ଝଓ, ଇଝଓ । ଯେଉଁମାନେ ଟ୍ୱିନସିଟିରେ ପଟ୍ଟା କଲା ଭଳି ମାଡ଼ି ବସିଛନ୍ତି ଚୌକି, ଏବେ ଅପେକ୍ଷା ମୋହନ ସରକାର ଅମଳରେ ନୂଆ କମିଶନର ଏଥିରେ କେବେ ପରିବର୍ତ୍ତନ ଆଣୁଛନ୍ତି ।

## ରାଜ୍ୟରେ ନିଅଣ୍ଟିଆ ବର୍ଷା ରେକର୍ଡ: ଆଗକୁ ଭୀଷଣ ଗୁଳୁଗୁଳି, ୩୮ ଛୁଇଁବ ପାରଦ



ଭୁବନେଶ୍ୱର, ୦୧/୧୦ (ନି.ପ୍ର): ସରିଲା ମୌସୁମୀ ବର୍ଷା । ଏଥର ଓଡ଼ିଶାରେ ସ୍ୱାଭାବିକ ବର୍ଷା । ଚଳିତ ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ ୫ ପ୍ରତିଶତ କମ୍ ବର୍ଷା ହୋଇଛି । ତେଣୁ ଏଣିକି ରାଜ୍ୟରେ ସ୍ୱାଭାବିକ ବର୍ଷା ରହିବ । ହେଲେ ଏବେବି କେନ୍ଦୁଝର, ଦେବଗଡ଼, ଭଦ୍ରକ ଓ ଝାରସୁଗୁଡ଼ାରେ ନିଅଣ୍ଟିଆ ବର୍ଷା ରହିଛି । ଏହାସହ ଓଡ଼ିଶାରୁ ଏଣିକି ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଭାଗ ପୂର୍ବାନୁମାନ କରିଥିବା ବେଳେ ବର୍ତ୍ତମାନ ମୌସୁମୀ ଫେରିବା ପାଇଁ ପାଗ ଅନୁକୂଳ ହୋଇନାହିଁ । ବାୟୁମଣ୍ଡଳରେ ଯଥେଷ୍ଟ ପରିମାଣର ଆର୍ଦ୍ରତା ରହୁଥିବାରୁ ମୌସୁମୀ ଅପସରିବାର ବାଟ ଫିଟିନାହିଁ ବୋଲି କହିଛି ବିଭାଗ । ଏବେବି ୭୦ରୁ ୯୦ ପ୍ରତିଶତ ରାଜ୍ୟରେ ଆଦ୍ରତା ଥିବାରୁ ଗୁଳୁଗୁଳି ଅନୁଭୂତ ହେଉଛି । ସେପଟେ ଆକାଶ ନିର୍ମଳ ସହ ମେଘମୁକ୍ତ ରହିଥିବାରୁ ଆସନ୍ତା ୪ ଦିନ ବିଶେଷ ବର୍ଷା ନାହିଁ । କାଁଭାଁ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ରହିବ । ସେପଟେ ଦିନ ତାପମାତ୍ରା ବଢ଼ିବ ବୋଲି ଜଣାପଡ଼ିଛି । ଆଗାମୀ ୩ରୁ ୪ ଦିନ ଯାଏ ୨ରୁ ୩ ଡିଗ୍ରୀ ▶▶ପୃଷ୍ଠା ୭

## ୬ରେ ଲଘୁଚାପ, ୧୦ ଯାଏଁ ବର୍ଷା; ଫିକା ପଡ଼ିବ ପାର୍ବଣ

ଭୁବନେଶ୍ୱର, ୧/୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ଫଳରେ ୪ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ୪ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ। ଅକ୍ଟୋବର ୬ରେ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ। ଫଳରେ ୪ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ୪ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ। ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଫୁଡ୍ ସେଫ୍ଟି ଅଫିସର: ୫ ହଜାର ଲାଞ୍ଚ ନେବା ବେଳେ ଧରାପଡ଼ିଲେ

କେନ୍ଦ୍ରାପଡ଼ା, ୦୧/୧୦ (ନି.ପ୍ର): ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଫୁଡ୍ ସେଫ୍ଟି ଅଧିକାରୀ। କେନ୍ଦ୍ରାପଡାର ଫୁଡ୍ ସେଫ୍ଟି ଅଫିସର ବିଭାଶ ମଜୁମଦାରଙ୍କୁ ଧରିଲା ଭିଜିଲାନ୍ସ । ବାବା ପଲିଟ୍ରେଡ୍ରସ ଲାଇସେନ୍ସ ରିନୁ ପାଇଁ ମାଲିକ ସଞ୍ଜୟ ପ୍ରଧାନଙ୍କୁ ବାରମ୍ବାର ହଇରାଣ କରୁଥିଲେ। ଆଗରୁ ୪୦ ହଜାର ଟଙ୍କା ନେଇଥିଲେ। ଆଉ ଅବଶିଷ୍ଟ ଟଙ୍କା ନେବାକୁ ଆଜି ସମୟ ଦେଇଥିଲେ । ନିର୍ଦ୍ଧାରିତ ସମୟରେ ଜାତୀୟ ରାଜପଥ ତିନିମୁହାଣୀ ଛକରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଅପେକ୍ଷା କରିଥିଲେ। ସଞ୍ଜୟଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ତାଙ୍କୁ କାବୁ କରିଛି। ଭିଜିଲାନସ୍ ଟିମ୍ ଭଡ଼ା ଘର, ପୈତୃକ ଘରେ ରେଡ କରିଛି । ଭିଜିଲାନସ୍ ଟିମ୍‌କୁ ଦେଖି କାନ୍ଦିବା ଆରମ୍ଭ କରିଥିଲେ ଫୁଡ୍ ସେଫ୍ଟି ଅଧିକାରୀ ।

## ବିକ୍ରି ହେବ ଅର୍ପଣ ଚାଉଳ: ଜିଲ୍ଲାପାଳ

ପୁରୀ, ୦୧/୧୦ (ନି.ପ୍ର): ବିକ୍ରି ହେବ ଅର୍ପଣ ଚାଉଳ। କ୍ୱିଣ୍ଟାଲ କି ଦୁଇ କ୍ୱିଣ୍ଟାଲ ନୁହେଁ ପ୍ରାୟ ୧୦ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ବିକ୍ରି କରାଯିବ। ଟେଣ୍ଡର ମାଧ୍ୟମରେ ଅର୍ପଣ ଚାଉଳକୁ କୌଣସି ବ୍ୟକ୍ତି ବିଶେଷ କି ମିଲର ନେଇପାରିବେ। ସ୍ପଟ୍ ଭିଜିଟ୍ କରି ମିଲର୍ କିମ୍ବା ବ୍ୟକ୍ତିବିଶେଷ ଚାଉଳ କିଣିପାରିବେ। ଏଥିରୁ ଯାହା ଟଙ୍କା ଆସିବ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବ। ଏ ନେଇ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ସେ କହିଛନ୍ତି, ମହାପ୍ରସାଦ ପ୍ରସ୍ତୁତ ଲାଗି ଯାହା ଯୋଗ୍ୟ ଥିଲା ତାର ବ୍ୟବହାର କରାଯାଇଛି। ବଳକା ଚାଉଳ ମହାପ୍ରସାଦ ପାଇଁ ଅନୁପଯୁକ୍ତ ବୋଲି ସ୍ପଷ୍ଟ କରିଥିଲା ସୁଆର ମହାସୁଆର ନିଯୋଗ। ଫଳରେ ବଳକା ଚାଉଳକୁ କ'ଣ କରାଯିବ ବୋଲି ସେ ନେଇ ଆଲୋଚନା କରାଯାଇ ଏକ ପ୍ରସ୍ତାବ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପଠା ଯାଇଥିଲା। ସରକାର ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର କରି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସବୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ବଳକା ଚାଉଳକୁ ବିକ୍ରି ପ୍ରକ୍ରିୟା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜିଲ୍ଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଅର୍ପଣ ଚାଉଳକୁ ରନ୍ଧନ କରାଯାଇ ମହାପ୍ରସାଦ ବଣ୍ଟନ କରାଗଲେ ଭକ୍ତମାନେ ଉପକୃତ ହୋଇପାରିବେ ବୋଲି ସୁଆର ମହାସୁଆର ନିଯୋଗ ସଭାପତି କହିଛନ୍ତି। ଶ୍ରୀମନ୍ଦିର ପରିକ୍ରମାପ୍ରକଳ୍ପର ଉଦଘାଟନ ବେଳେ ରାଜ୍ୟର କୋଣ ଅନୁକୋଣରୁ ଅର୍ପଣ ଚାଉଳ ଆସିଥିଲା। ପ୍ରାୟ ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ସଂଗ୍ରହ କରାଯାଇଥିଲା।

## ଶ୍ରୀମନ୍ଦିର ରୋଷରେ ଲୁହା କଡ଼େଇ ବ୍ୟାନ୍: କାର୍ଯ୍ୟାନୁଷ୍ଠାନ ନେଲା ମନ୍ଦିର ପ୍ରଶାସନ



ପୁରୀ, ୦୧/୧୦ (ନି.ପ୍ର): ଶ୍ରୀମନ୍ଦିର ରୋଷରେ ଲୁହା କଡ଼େଇ ବ୍ୟବହାର ନେଇ ଆକ୍ସନ । ୩ ସୁପକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ଶ୍ରୀମନ୍ଦିର ପ୍ରଶାସନ । ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଶ୍ରୀମନ୍ଦିର ତଥା ରୋଷଘରେ ପ୍ରବେଶ ନିଷିଦ୍ଧ କରାଯାଇଛି । ଜଣେ ପାଳିଆ ସେବକଙ୍କୁ ମହାପ୍ରଭୁଙ୍କ ସେବାପୂଜାରୁ ନିଲମ୍ବିତ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ସୂଚନା ଦେଇଛନ୍ତି । ଶ୍ରୀମନ୍ଦିର ରୋଷରେ ଅନ୍ନ ରନ୍ଧନରେ ଲୁହା କଡ଼େଇ ବ୍ୟବହାର ନେଇ ଅଭିଯୋଗ ଆସିଥିଲା । ଏହାପରେ କଡ଼େଇ ଜବତ ସହ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ରିପୋର୍ଟ ମିଳିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହୋଇଛି। ମହାପ୍ରଭୁଙ୍କ ସେବାପୂଜାରେ କୌଣସି ପରମ୍ପରା ବହିର୍ଭୂତ କାର୍ଯ୍ୟ ତଥା ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି । ଗତ କିଛିଦିନ ତଳେ ଏନେଇ ଅଭିଯୋଗ ଆସିଥିଲା । ନଷ୍ଟ ହୋଇଥିଲା ▶▶ପୃଷ୍ଠା ୭

## ମନ୍ଦିର ହେଉ ବା ମସଜିଦ ଜବରଦଖଲ ହୋଇଥିଲେ ଭଙ୍ଗାଯାଉ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧/୧୦ : ସର୍ବସାଧାରଣ ସ୍ଥାନରେ ଗଢି ଉଠିଥିବା ଧାର୍ମିକ ପୀଠ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ବୁଲଡୋଜର ଆକ୍ସନ ମାମଲାର ବିଚାର ବେଳେ ଲୋକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, 'ଲୋକଙ୍କ ସୁରକ୍ଷା ସର୍ବୋପରି। ସର୍ବସାଧାରଣ ସ୍ଥାନ, ରାସ୍ତା, ରେଳ ଟ୍ରାକ୍ କିମ୍ବା ଜଳାଶୟ ଭଳି ସ୍ଥାନରେ ମନ୍ଦିର, ମସଜିଦ, ଦରଘା, ଚର୍ଚ୍ଚ କିମ୍ବା କୌଣସି ଧାର୍ମିକ ପୀଠ ଥିଲେ ଏସବୁ ଉଚ୍ଛେଦ ହେବା ଆବଶ୍ୟକ।' ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର। ଧର୍ମ କିମ୍ବା ସମ୍ପ୍ରଦାୟ ନିର୍ବିଶେଷରେ ଆମେ ନିର୍ଦ୍ଦେଶନାମା ଜାରି କରୁଛୁ। ଏହା ସବୁ ଧର୍ମ ଏବଂ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ହେବ। ଯଦି ସର୍ବସାଧାରଣ ସ୍ଥାନରେ ଧାର୍ମିକ ପୀଠ ଥାଏ, ସେ ମନ୍ଦିର ହେଉ କିମ୍ବା ଦରଘା କିମ୍ବା ଗୁରୁଦ୍ୱାର ଏସବୁ ଉଚ୍ଛେଦ ହେବା ଆବଶ୍ୟକ। ଧାର୍ମିକ ପୀଠ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ଦେଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରକାଶ ଥାଉକି, ବିଭିନ୍ନ କାରଣକୁ ନେଇ ଉତ୍ତରପ୍ରଦେଶ ତଥା ଅନ୍ୟାନ୍ୟ ରାଜ୍ୟରେ ବୁଲଡୋଜର ଆକ୍ସନ ନିଆଯାଏ। ଏହା ବିରୋଧରେ ଜମିୟତ ଉଲେମା-ଇ-ହିନ୍ଦ ନାମକ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସେପ୍ଟେମ୍ବର ୧୭ରେ ଏ ଉପରେ ଶୁଣାଣି କରି ଅକ୍ଟୋବର ୧ରେ ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ ବୁଲଡୋଜର ଆକ୍ସନ ଉପରେ ରୋକ୍ ଲଗାଇଥିଲେ ସର୍ବୋଚ୍ଚ ଅଦାଲତ। କିନ୍ତୁ ବେଆଇନ ଉଚ୍ଛେଦକୁ ଅନୁମତି ଦେଇଥିଲେ। ଆଜି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବିଆର ଗବାଇ ଏବଂ ଜଷ୍ଟିସ କେ.ଭି ବିଶ୍ୱନାଥନଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସର୍ବସାଧାରଣ ସ୍ଥାନରେ ଉଚ୍ଛେଦକୁ ଅନୁମତି ଦେଇ ଥିବାବେଳେ ବ୍ୟକ୍ତିଗତ ସ୍ଥାନରେ ବୁଲଡୋଜର ଆକ୍ସନ ହୋଇପାରିବ ନାହିଁ ବୋଲି କହିଛନ୍ତି।

## ମୋଦିଙ୍କ ଫୋକସ୍‌ରେ ଓଡ଼ିଶା: ଗାନ୍ଧୀ ଜୟନ୍ତୀରେ ଦେବେ ବଡ଼ ଭେଟି



ନୂଆଦିଲ୍ଲୀ, ୧/୧୦ : ଗାନ୍ଧୀ ଜୟନ୍ତୀରେ ଓଡ଼ିଶାକୁ ଆଉ ଏକ ବଡ଼ ଉପହାର ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପିଏମ୍ ଜନମନ ଯୋଜନାରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧୪୭ କିଲୋମିଟର ରାସ୍ତାର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ। ଦେବଗଡ଼, ଗଜପତି, ମୋହନା, ରାୟଗଡ଼ା, ବାଲିଗୁଡ଼ା, ମାଲକାନଗିରି, ଗୁଣୁପୁର, ସୁନ୍ଦରଗଡର ବିଭିନ୍ନ ଆଦିବାସୀ ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ନିର୍ମାଣ ହେବ ରାସ୍ତା। ଏହା ସହିତ ଆଦିବାସୀ ଅଞ୍ଚଳରେ ଅନେକ ଗୁଡିଏ ଲୋକାଭିମୁଖୀ କାର୍ଯ୍ୟର ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି। ୨ ଅକ୍ଟୋବରରେ ଝାଡ଼ଖଣ୍ଡର ହଜାରିବାଗରୁ ଦେଶର ବିଭିନ୍ନ ରାଜ୍ୟକୁ ୮୩ ହଜାର ୩୦୦ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବେ ପ୍ରଧାନମନ୍ତ୍ରୀ। ଜନଜାତି ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମର ଲଞ୍ଚ କରିବେ। ସମସ୍ତ ରାଜ୍ୟର ୫୪୯ ଜିଲ୍ଲା ଓ ୨୭୪୦ ବ୍ଲକରେ ବସବାସ କରୁଥିବା ୬୩ ▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖୁସିର ଜୀବନ

ଏଠି ସୁନ୍ଦର ଜୀବନଟେ ଜିଇଁବାକୁ କିଏ ବା ନ ଚାହାନ୍ତି? ସେଇଥିପାଇଁ ଖାଲି ଆଶା ଆକାଂକ୍ଷା ପୋଷଣ କରି ଚୁପଚାପ ହାତଗୋଡ଼ ବାନ୍ଧି କିଛି ନ କରି ରହିଗଲେ କ'ଣ ଜିଇଁ ହୁଏ ସୁନ୍ଦର ଜୀବନ? ସେଥିପାଇଁ ସାଧନ ଏବଂ କିଛି କରିବାର ଦରକାର ଥାଏ। ଯାହାକିଛି ବୃତ୍ତି ବା କର୍ମରେ ରହିବାକୁ ହୁଏ ସଭିଙ୍କୁ। କାହାକୁ କେଉଁଠି ଓ ବିଦ୍ୟା ବୁଦ୍ଧି ଆଧାରରେ କର୍ମନିଯୁକ୍ତି ମିଳିଥାଏ। କର୍ମଜୀବୀମାନେ ବେତନଭୋଗୀ ହୁଅନ୍ତି। କିଏ ପୁଣି ଖଟିଲେ ଖାଆନ୍ତି ଏଠି। କର୍ମକୋଡ଼ିଆ ମାଗି ଖାଏ। ପାଇଲେ ଖାଏ। ନ ହେଲେ ସେମିତି ଶୁଏ। କେତେ ରକମ ଚରିତ୍ରଙ୍କ ଚିତ୍ର ଉଦ୍ଭାସିତ ହୁଏ ଆମ ପରିବେଶ ପରିବେଷ୍ଟନୀରେ ଏବଂ ଆମ ନିତିଦିନିଆ ଜୀବନରେ। ଜୀବନ ସହିତ ପୁଣି ଯୋଡ଼ି ହୋଇଥାଏ ଆୟ ଓ ବ୍ୟୟର ଟିକିନିକି ହିସାବ। କିଏ କିଏ ପୁଣି ପାଖେ ରହିଥା'ନ୍ତି ହିସାବ ଖାତା। ଦିନିକିଆ କମାଣି ଆସିଲା କେତେ, ଗଲା କେତେ, ଆଉ ରହିଲା କେତେ? ସେମିତି କାହାର ମାସିକିଆ ବେତନ ମିଳେ କେତେ, ମାସଯାକ ଖର୍ଚ୍ଚ ହୁଏ କେତେ, ସବୁ ବ୍ୟୟ ଯାଇ ବଳକା ରହେ କେତେ? ଯାହା ବଳକେ, ତାହା ଯାଏ ସଞ୍ଚୟ ଖାତାକୁ। ଯେଉଁଠି ଆୟଠୁ ବ୍ୟୟ ବଳେଇ ଯାଏ, ସେଠି ଦୁଃଖ ଅପ୍ରମିତ। ନିଅଣ୍ଟିଆ ଜୀବନ ଦୁଃଖଦ। ସଞ୍ଚୟ ଥିଲେ ସାହସ ଥାଏ। ଯିଏ ଯୌଥ ପରିବାରରେ ସାମିଲ ଥା'ନ୍ତି ତାଙ୍କର ଆୟରୁ ବଳିବା ସମ୍ଭାବନା କମ ରହେ। ପରିବାରକୁ ଯିଏ ମୁଣ୍ଡେଇ ମୁଣ୍ଡିଆଳ ସାଜିଥା'ନ୍ତି, ତାଙ୍କର କିଛି ବଳି ନ ଥାଏ। ପରିବାର ଭିତରେ ଯିଏ ଚାଲାକ ଚତୁର ଥା'ନ୍ତି, ସିଏ ନିଜସ୍ୱ ପୁଞ୍ଜି ସାଇତି ରଖିଥା'ନ୍ତି। ଭଲ ଲୋକ ହିସାବୀ ହୋଇପାରନ୍ତିନି। ଚାଲାକ ଚତୁର ଅତିଶୟ ହିସାବୀ ରହି ନିଜ ପୁଞ୍ଜି ଠିକ ରଖିଥା'ନ୍ତି। ଆଜିର ଦିନରେ ପୁଣି ହିସାବୀଙ୍କ ସଂଖ୍ୟା ଥାଏ ଅନେକ। କଥା କଥାରେ ଏଠି ହିସାବୀ ହିସାବ କରନ୍ତି, ହିସାବ ଲଗାନ୍ତି। ଲାଭ ଆଶା ଥିଲେ ଆଗକୁ ବଢ଼ନ୍ତି। ପାଦ ପକାନ୍ତି /ବଢ଼ାନ୍ତି। ନ ହେଲେ ମୁଣ୍ଡ ଖେଳାନ୍ତି ନାହିଁ। ହିସାବୀ ଲାଭ ଆଶା ଅନୁଭବ କଲେ କାହା ପିଛା କିଛି ଖର୍ଚ୍ଚ କରନ୍ତି। ନ ହେଲେ ସେଇଠୁ ଓହରି ଆସନ୍ତି। ହିସାବୀ ଦୋକାନୀ ବରଗଛ ମୂଳର ଚାଣ୍ଟି ପିମ୍ପୁଡ଼ିକୁ ଚିନି ଦାନା ଦିଅନ୍ତି ଧର୍ମ ଲାଭ ଆଶାରେ। ଅନ୍ୟପାଖେ ଦୋକାନ ଘରେ ବିକ୍ରି ପାଇଁ ଉଦ୍ଦିଷ୍ଟ ଚିନିରେ ଚାଣ୍ଟି ନ ହେବା ପାଇଁ ଲକ୍ଷ୍ମଣ ରେଖା ଟାଣି ଦିଅନ୍ତି। ମଣିଷ ଜଣେ ଅଥଚ ବିଚାର ଦି'ଟା। ଏହା ହିସାବୀ ମଣିଷଙ୍କ ବିଚିତ୍ର ବେଭାର। ହିସାବୀ ସବୁବେଳେ ପକେଟରୁ ଯେମିତି ଖର୍ଚ୍ଚ ନ ହୁଏ ସେ ଦିଗ ପ୍ରତି ଅଧିକ ସତର୍କ ଓ ସଚେତନ ଥା'ନ୍ତି। କାହାଠୁ ଚତୁରପଣିଆରେ ଖାଇ ଦେବେ ସିନା, ଦେବାର ନାଁ ଉଠିଲେ ସେଇଠୁ ଅତି ସନ୍ତର୍ପଣରେ ଖସି ଯାଇଥା'ନ୍ତି ଆଖିପିଛୁଳାକେ। ବେଳେ ବେଳେ ଅଜବ ଘଟଣା ଘଟାନ୍ତି ଖାସ ହିସାବୀ। ଚା' ଦୋକାନକୁ ଚା' ପିଇବାକୁ ଆସି ଚା' ବରାଦ କରି ଅପେକ୍ଷାରେ ରହିଥିଲା ବେଳେ ଆଉ କେଇଜଣ ଚିହ୍ନାମୁହଁ ସେଠି ହାବୁଡ଼ିଗଲେ ସେମାନଙ୍କୁ ଚା' ଦେବାକୁ ପଡ଼ିବ ମନେ କରି ଦୋକାନୀ ଅଲକ୍ଷ୍ୟରେ ସେଠୁ ଛୁ ମାରନ୍ତି। ଦୋକାନୀ ଚା' ଦେଲା ବେଳକୁ ସେ ଆଉ ଆଖପାଖରେ ନ ଥା'ନ୍ତି। ନିଜର ମହତ ଏମିତି ସାରନ୍ତି ସିନା, ଦଶ/କୋଡ଼ିଏ ଟଙ୍କା ଖର୍ଚ୍ଚ କରିବାରୁ ସେଇ ମୁହୂର୍ତ୍ତରେ ବଞ୍ଚିଯା'ନ୍ତି। କାହାର ଭୁଲ ହିସାବରେ ହିସାବୀ ଯଦି ଲାଭବାନ ହେଉଥା'ନ୍ତି, ତେବେ ସେ ଚୁପ ରହିଯା'ନ୍ତି। କେଉଁଠୁ କୋଡ଼ିଏ ପାଇବା ଜାଗାରେ ଚାଳିଶ ଭୁଲରେ ପାଇଗଲେ ହିସାବୀ ଚୁପକିନା ପକେଟରେ ପୁରାଇ ଦିଅନ୍ତି। ହିସାବୀର ପ୍ରାପ୍ୟ ଭୁଲ ଥିଲେ ସଙ୍ଗେ ସଙ୍ଗେ ମୁହଁ ଖୋଲି କହିଦିଅନ୍ତି ମୋର ଆଉରି କୋଡ଼ିଏ ପାଇବାର ଥିଲା। ହିସାବୀଙ୍କ ସାମାଜିକତା ଏମିତି ମାଡ଼ ଖାଇଥାଏ। ଲୋକହସା ହୁଅନ୍ତି। ସେମାନଙ୍କ ପଛରେ ନାନା କଥା କୁହନ୍ତି ହିସାବୀଙ୍କୁ ଚିହ୍ନିଥିବା ଜାଣିଥିବା ଲୋକମାନେ। ଅସଲକୁ ହିସାବୀ ତାଙ୍କ ଅଲକ୍ଷ୍ୟରେ ନିଜ ପରିସରରେ ଚିହ୍ନା ପରିଚିତ ବଳୟରେ ଅମଣିଷ ଆଖ୍ୟାୟିତ ହୋଇସାରିଥା'ନ୍ତି। ହିସାବୀଙ୍କ କୃପଣପଣିଆ ଯୋଗୁଁ ତାଙ୍କ ସାମାଜିକତା ନଷ୍ଟ ହୋଇଥାଏ। କିଛି ହିସାବୀ, ପଣ କରିଥା'ନ୍ତି ଯେମିତି ନିଜ ପକେଟରୁ ଖର୍ଚ୍ଚ କରି ଟଙ୍କା କାଢ଼ି ଚା' ପିଇବେ ନାହିଁ ଓ ଜଳଖିଆ ବି ଖାଇବେ ନାହିଁ। ନିଜ ପାଇଁ ଖର୍ଚ୍ଚ କରିବାକୁ ଅମଙ୍ଗ ଥିବା ଲୋକ ଅନ୍ୟକୁ ସୌଜନ୍ୟ ଦେଖାଇବ କ'ଣ? ହେଲେ କିଏ ଦେଲେ ଖୁସିରେ ପିଅନ୍ତି। ଖୁସିରେ ଜଳଖିଆ ଖାଇପାରନ୍ତି। ସେଇ ହିସାବୀ କ'ଣ ବୁଝି ପାରନ୍ତିନି? ଯିଏ ଦିଅନ୍ତି ତାଙ୍କ ପକେଟରୁ ଖର୍ଚ୍ଚ ହୁଏ ନା ନାହିଁ? ବେହିସାବୀ ପୁଣି ଖୁସି ମନରେ ଦିଅନ୍ତି। ହିସାବୀ ଖୁସିରେ ଖାଇ ପିଇ ଜାଣନ୍ତି, ଅଥଚ ଅନ୍ୟକୁ ଖୁସିରେ ଦେଇ ଯାହା ଜାଣନ୍ତି ନାହିଁ।

# ମହାଳୟା ଶ୍ରାଦ୍ଧ ଓ ଦେବୀ ପୂଜା



### ଗିରିଧାରୀ ସାମଲ



ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଅମାବାସ୍ୟା ପିତୃଲୋକଙ୍କ ପାଇଁ ପୁଣ୍ୟ ତିଥି ହୋଇଥାଏ। କିନ୍ତୁ ଆଶ୍ୱିନ ମାସ ଅମାବାସ୍ୟା ଦିନ ପିତୃଲୋକଙ୍କୁ ଶ୍ରାଦ୍ଧ ଦେବା ବହୁତ ଫଳଦାୟକ ହୋଇଥାଏ। ସେଥିପାଇଁ ଏହି ଅମାବାସ୍ୟାକୁ ପିତୃ ବିସର୍ଜନୀ ଅମାବାସ୍ୟା ବା ପିତୃ ଅମାବାସ୍ୟା କୁହାଯାଏ। ମହାଳୟା ଶ୍ରାଦ୍ଧ ହେଉଛି ପିତୃପକ୍ଷର ଅନ୍ତିମ ଦିନ ହୋଇଥାଏ। ଅର୍ଥାତ୍ ଆଶ୍ୱିନ ଅମାବାସ୍ୟାରେ ଏହି ଶ୍ରାଦ୍ଧ ବିଧି ତର୍ପଣ ଆଦି କରାଯାଏ। ଏହି ଦିନ ଦାନ କଲେ ଅଶେଷ ଲାଭ ମିଳିଥାଏ। ବ୍ରାହ୍ମଣ ଭୋଜନରେ ମଧ ବିଶେଷ ଉପକାର ମିଳିଥାଏ। ଏହି ଶ୍ରାଦ୍ଧରେ ଦାନର ମହତ୍ୱ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଦିନ ବ୍ରାହ୍ମଣମାନଙ୍କୁ ଲୁଗାପଟା, ଭୋଜନ ଆଦି ଶ୍ରଦ୍ଧା ଅନୁସାରେ ଦାନ କରିବା, ଗରିବଙ୍କ ଭୋଜନ କରାଇବାରେ ବହୁତ ଶୁଭଫଳ ମିଳିଥାଏ। ମହାଳୟ ପାଳନ ମଧ ମାତା ଦୁର୍ଗାଙ୍କ ସହ ଜଡ଼ିତ। ଯେଉଁଦିନ ମା ଦୁର୍ଗାଙ୍କ ପୂଜା କରାଯାଏ। ମା'ଦୁର୍ଗାଙ୍କୁ ଅପାର ଶକ୍ତିର ଅଧିକାରିଣୀ ଭାବେ ପୂଜା କରାଯାଏ। ମହାଳୟା ପାଳନ ମା' ଦୁର୍ଗାଙ୍କୁ ପୃଥିବୀ ପୃଷ୍ଠକୁ ଆମନ୍ତ୍ରଣ କରିବାପାଇଁ ପାଳନ କରାଯାଏ ଏବଂ ଜାଗୋ ତୁମ ଜାଗେ ମନ୍ତ୍ର ଉଚ୍ଚାରଣ କରାଯାଏ। ପିତୃପକ୍ଷର ଅନ୍ତିମ ଦିବସରେ ମହାଳୟା ପାଳନ କରାଯାଏ। ଭାରତର ଓଡ଼ିଶା, କର୍ଣ୍ଣାଟକ, ତ୍ରିପୁରା ତଥା ପଶ୍ଚିମବଙ୍ଗର ଜନସାଧାରଣ ମହାଳୟା ପାଳନ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ସେହିଦିନ ଠାରୁ ମହାଳୟା ପାଳନ କରାଯାଉଛି, ଯେଉଁଦିନ ପ୍ରଭୁ ଶ୍ରୀରାମ ଲଙ୍କାକୁ ଯୁଦ୍ଧ ପାଇଁ ବାହାରିବା ପୂର୍ବରୁ ଦେବୀ ଦୁର୍ଗାଙ୍କ ପୂଜା କରିଥିଲେ। ପ୍ରଭୁ ଶ୍ରୀରାମ ରାବଣ କବଳର ସୀତା ମାତାଙ୍କୁ ଉଦ୍ଧାର ପାଇଁ ଦେବୀଙ୍କ ଆଶୀର୍ବାଦ ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରଭୁ ଶ୍ରୀରାମ ମା'ଙ୍କୁ ପୂଜା କରିଥିଲେ। କୁହାଯାଏ ଯେ, ଯେତେବେଳେ ପ୍ରଭୁ ଶ୍ରୀରାମ ମା'ଦୁର୍ଗାଙ୍କ ପୂଜା କରୁଥିଲେ ସର୍ବ ଦେବାଦେବୀଗଣ ମଧ ମାତାଙ୍କୁ ପୂଜା କରୁଥିଲେ। ଏହି ଦିନ ମା'ଦୁର୍ଗା ଧରାପୃଷ୍ଠରେ ଅବତରଣ ପାଇଁ ଯାତ୍ରା ଆରମ୍ଭ କରିଥିଲେ।

ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଦାନବୀର କର୍ଣ୍ଣ ଭୋଜନ ବ୍ୟତୀତ ଅନ୍ୟ ସବୁକିଛି ଦାନ କରି ଦାନବୀର କର୍ଣ୍ଣ ନାମରେ ପରିଚିତ ଥିଲେ। ତେଣୁ ତାଙ୍କର ମୃତ୍ୟୁପରେ ଇନ୍ଦ୍ରଦେବ ତାଙ୍କୁ ୧୪ ଦିନ ପାଇଁ ଧରାପୃଷ୍ଠକୁ ଆସିବାକୁ ଅନୁମତି ଦେଇଥିଲେ କେବଳ ଭୋଜନ ଦାନ କରିବା ପାଇଁ। ତେବେ ମହାଳୟ ହେଉଛି ଦେବୀ ପୂଜାର ଏକ ଅଭିନ୍ନ ଅଙ୍ଗ। ଏହି ଦିନ ପିତୃଲୋକଙ୍କ ପୂଜା କରାଯାଇ ପିଣ୍ଡ ଦାନ କରାଯାଏ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ମୋ : ୯୪୩୭୪୫୦୧୧୪

# ମହାଳୟା

### ଗୋପୀନାଥ ଦାଶ





ଭାରତୀୟ ପରମ୍ପରାରେ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକାଧିକ ଶ୍ରାଦ୍ଧାନୁଷ୍ଠାନ କରାଯାଏ। ସେଗୁଡ଼ିକ ମଧ୍ୟରେ ମହାଳୟା ଶ୍ରାଦ୍ଧ ଶ୍ରେଷ୍ଠ। ମହାଳୟା ସର୍ବଭାରତୀୟ ପର୍ବ। ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ କୁହାଯାଏ। ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପରବର୍ତ୍ତୀ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ହେଉଛି ପିତୃପକ୍ଷ। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ କଲା ପରେ ଅମାବାସ୍ୟା ଦିନ ପିଣ୍ଡ ଦାନ କରାଯାଏ। ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡେ ତାହା ମହାଳୟା ଅମାବାସ୍ୟା। ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧର ବିଭିନ୍ନ ନାମ ମହାଳୟା ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ, ପାର୍ବଣ ଶ୍ରାଦ୍ଧ, ମଉଳା ଶ୍ରାଦ୍ଧ। ପିତୃ ପକ୍ଷରେ ଯେ କୌଣସି ଦିନ ନିଜର ସାଧ ମତେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଓ ବ୍ରାହ୍ମଣ ଭୋଜନ ଦିଆଯାଏ। ତାହା ଦ୍ୱାରା ପୁଣ୍ୟ ଲାଭ ଏବଂ ବଂଶର ଉତ୍ତର ପିଢ଼ିର ସମସ୍ତ ପ୍ରକାର ଉନ୍ନତି ହେଉଥିବା ହିନ୍ଦୁ ବିଶ୍ୱାସ। ପୁରାଣ ଅନୁଯାୟୀ, ମହାଦାନୀ କର୍ଣ୍ଣଙ୍କର ମୃତ୍ୟୁ ପରେ, ତାଙ୍କ ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୂପା ମିଳିଲା, କିନ୍ତୁ କିଛି ଖାଦ୍ୟ ଦିଆଗଲା ନାହିଁ। କାରଣ ଜୀବିତାବସ୍ଥାରେ ସେ କେବେ କୌଣସି ବ୍ୟକ୍ତିକୁ ଅନ୍ନଦାନ ଦେଇ ନଥିଲେ। ସେ ଚିନ୍ତିତ ହୋଇ ଯମରାଜଙ୍କୁ ପ୍ରାର୍ଥନା କରିବାରୁ ତାଙ୍କୁ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ପଠାଯାଇଥିଲା। ସେହି ଚଉଦ ଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବଙ୍କୁ ଅନ୍ନଦାନ ଦେଇଥିଲେ। ଫଳସ୍ୱରୂପ ତାଙ୍କୁ ଆଉ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡ଼ିନଥିଲା। ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ପିତୃପକ୍ଷ ଥିଲା।

ସେଣ୍ଟ ଥୋମାସ ଇଂଲିଶ ସ୍କୁଲ,
ଝାରସୁଗୁଡ଼ା,
ମୋ: ୮୮୯୫୨୯୬୧୬୭

# ଧୀମା ପଡ଼ିଯାଇଛି ଓଡ଼ିଶା ଶିଳ୍ପାୟନର ଉଡାଣ

### ବାଦଲ ଭୂୟାଁ



**୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ଆଶା ରଖିଥିବାବେଳେ ଏଥିରେ ଶିଳ୍ପାୟନର ବଡ଼ ସହଯୋଗ ରହିଛି। ନିଯୁକ୍ତି ବଢ଼ିବା ସହ ପୂର୍ବୋଦୟ ବିକାଶରେ ଓଡ଼ିଶାକୁ ସବୁଠାରୁ ଅଗ୍ରଣୀ ରାଜ୍ୟ କରିବା ପାଇଁ ଓଡ଼ିଶାର ନୂଆ ବିଜେପି ସରକାର ଏଜେଣ୍ଡା ପ୍ରସ୍ତୁତ କରିଛନ୍ତି। ଭୋଟ ସଂକଳ୍ପ ପତ୍ରରେ ସରକାର ଯେଉଁ ପ୍ରତିଶ୍ରୁତି ରଖିଥିଲେ ଏହାକୁ ଇଚ୍ଛାଶକ୍ତି ଓ ବ୍ୟଗ୍ରତାରେ ଦେଖାଇବା ଉଚିତ। ଶିଳ୍ପାୟନ ହେଉଛି ଓଡ଼ିଶାର ଭବିଷ୍ୟତ। ନୂଆ ସରକାର ଏହାକୁ ଗମ୍ଭୀରତାର ସହ ନେଇ ବଡ଼ ଶିଳ୍ପ ଓ ନିବେଶ ପାଇଁ ଓଡ଼ିଶାକୁ ଆହୁରି ଯଥାର୍ଥ ଓ ଏକ ଉଦୀୟମାନ ରାଜ୍ୟ ଭାବେ ଶିଳ୍ପ ଗୋଷ୍ଠୀଙ୍କ ସାମ୍ନାରେ ରଖନ୍ତୁ।**

ଓଡ଼ିଶାର ଇଭି ପ୍ରକଳ୍ପରୁ ଜେଏସଡବ୍ଲୁ ଗ୍ରୁପ ତାର ୪୦ ହଜାର କୋଟି ଟଙ୍କାର ଇଭି ପ୍ରକଳ୍ପ ମହାରାଷ୍ଟ୍ରକୁ ଚାଲିଯିବା ନେଇ ଖବର ପ୍ରକାଶ ପାଇବା ପରେ ଏ ନେଇ କମ୍ପାନୀ ପକ୍ଷରୁ ଖବରକୁ ଖଣ୍ଡନ କରାଯାଇଛି। ତେବେ ଗତ ନିର୍ବାଚନରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ଅନେକ ଆଶା ଭରଷା ନେଇ ଏହି ଡବଲ ଇଞ୍ଜିନ ସରକାର ଗଢ଼ା ହେଲା। ଅନୁକୂଳ ବାତାବରଣରୁ ଶିଳ୍ପାୟନ ଦୌଡ଼ିବ ବୋଲି ରାଜ୍ୟର ଶିଳ୍ପଦ୍ୟୋଗୀ ଓ ଯୁବ ବର୍ଗ ଅନେକ ଆଶା ଭରଷା ରଖିଲେ। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ଥିବାବେଳେ ନିବେଷକ ମାନେ ରାଜ୍ୟରେ ପ୍ରଭୁତ ଭାବେ ନିବେଷ କରିବା ପାଇଁ ଆଗ୍ରହୀ। ପୁଞ୍ଜିପତିଙ୍କ ପ୍ରଥମ ପସନ୍ଦ ମଧ ଓଡ଼ିଶା। ସରକାରୀ ତଥ୍ୟ ମୁତାବକ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସରେ ଅନୁମୋଦନ ପାଇଥିବା ୬୭୪ଟି ପ୍ରକଳ୍ପରୁ ୩୫୨ଟି ପ୍ରକଳ୍ପକୁ ଜମି ଦିଆଯାଇଛି। ସେ ଭିତରୁ ୧୮୩ଟି ଶିଳ୍ପ ସ୍ଥାପନ ପାଇଁ କାମ ଆରମ୍ଭ ହୋଇଥିବାବେଳେ ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟରେ ୧୨ଟି ଶିଳ୍ପ ସଂସ୍ଥା ବୈଦେଶିକ ପଞ୍ଜିବିନିଯୋଗର ପ୍ରସ୍ତାବ ଦେଇଛନ୍ତି। ଏଠାରେ ସୂଚନା ଥାଉକି ପୁଞ୍ଜିପତିଙ୍କୁ ଟାଣିବା ସହ ରାଜ୍ୟରେ ନିବେଶ ବଢ଼ାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଗତ ସରକାର ମେକ ଇନ୍ ଓଡ଼ିଶା କନକ୍ଲେଭର ଆୟୋଜନ କରିଥିଲେ। ତିନୋଟି କନକ୍ଲେଭରେ ମୋଟ ୧୬ଲକ୍ଷ ୭୫ ହଜାର ୧୫୭ କୋଟିର ନିବେଶ ପ୍ରସ୍ତାବ ହସ୍ତଗତ ହୋଇଥିଲା। ତେବେ ଏହି ପ୍ରସ୍ତାବରୁ ସରକାର ଯେତିକି ଅନୁମୋଦନ କରିଥିଲେ ତାହାର ୬୦% ଶିଳ୍ପାନ୍ୟାସ କିମ୍ବା ଶିଳ୍ପ ସମ୍ପ୍ରସାରଣ ହୋଇଛି। ୨୦୨୨ ମେକ ଇନ୍ ଓଡ଼ିଶା କନକ୍ଲେଭରେ ମିଳିଥିବା ନିବେଶ ପ୍ରସ୍ତାବ ମଧ୍ୟରୁ ମାତ୍ର ୨୩% କାର୍ଯ୍ୟକାରୀ ହେବାକୁ ଯାଉଛି।

ତେବେ ଶିଳ୍ପପତିଙ୍କ ଅଭିଯୋଗ ମଧ ରହିଛି। ସେମାନଙ୍କ କହିବା ମୁତାବକ ବ୍ୟାପକ ନିବେଶ ଆଲୋଚନା ନେଇ ସରକାରଙ୍କ ସହ ଟେବୁଲରେ ଆଲୋଚନା ବେଳେ ଯେଉଁପରି ଗୋଲାପୀ ପ୍ରତିଶ୍ରୁତି ମିଳେ ଅସଲ ବେଳକୁ ତାହା କାର୍ଯ୍ୟକାରୀ ହୋଇନଥାଏ। ଜମି ହସ୍ତାନ୍ତର ପ୍ରକ୍ରିୟା ବର୍ଷାଧିକ ସମୟ ଲାଗିଯାଉଥିବାବେଳେ ଏ ନେଇ ଆବଶ୍ୟକ ହେଉଥିବା ଆନୁସଙ୍ଗିକ ମଞ୍ଜୁରୀ ପାଇଁ ନିବେଶକଙ୍କୁ ମାସ ମାସ ଅପେକ୍ଷା କରିବାକୁ ପଡୁଛି। ଏମଓୟୁ ହୋଇଗଲାପରେ କେହି ଆଉ ଧରାଛୁଆଁ ଦେଉନାହାଁନ୍ତି। ନିବେଶକ ଗୁହାରୀ ପାଇଁ କାହା ପାଖକୁ ଯିବେ ସେମାନେ ମଧ ବାଟ ପାଉନାହାଁନ୍ତି। ସରକାରୀ ପ୍ରକ୍ରିୟା ଗତିଶୀଳ ହେବା ବଦଳରେ ଏହାର ଗତି ପୁରା ଧୀର ହୋଇଯାଉଛି। ଏହି ପରିସ୍ଥିତିରେ ପ୍ରକଳ୍ପ ବ୍ୟୟଭାର ବଢ଼ି ଯାଉଥିବାରୁ ସେମାନେ ଅନ୍ୟତ୍ର ମୁହାଁ ହେଉଛନ୍ତି। ଓଡ଼ିଶା ପରି ଶିଳ୍ପ ନିବେଶ ପାଇଁ ସମୃଦ୍ଧ ଥିବା ରାଜ୍ୟରେ ପାଣି ଠାରୁ ଖଣି, ଜମି ଠାରୁ ବିଜୁଳି, ସବୁ ଥାଇ ମଧ ଶିଳ୍ପ ଆଉ ନୂଆ ଉଡ଼ାଣ ହୋଇପାରୁନାହିଁ। ଗତ ସରକାରରେ ପୋସ୍କୋ ଓ ମିତ୍ତଲ ଓଡ଼ିଶାକୁ ବାୟ ବାୟ କରିଥିଲେ। ଚଳିତ ବିଜେପି ସରକାର ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟରେ ସାଢ଼େ ତିନିଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବା ପାଇଁ ଶିଳ୍ପାୟନକୁ ତ୍ୱରିତ ବେଗରେ ଧାବମାନ କରିବା ଉଚିତ। ଅଧିକ ନିଯୁକ୍ତି ପ୍ରଦାନକାରୀ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ପ୍ରାଥମିକତା ଦେବା ଉଚିତ। ନୂଆ ଶିଳ୍ପ ମନ୍ତ୍ରୀ ତଥା ବିଜେପିର ଜଣେ ଉଦୀୟମାନ ଚେହେରା ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କହିବାନୁଯାୟୀ ୨୦୨୯ ସୁଦ୍ଧା ଉତ୍କର୍ଷ ଓଡ଼ିଶା ପୁଞ୍ଜି ବିନିଯୋଗ ସମ୍ମିଳନୀ କରି ୨.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଘରୋଇ ପୁଞ୍ଜି ନିବେଶ ଆଣିବେ। ବାହାର ଦେଶରୁ ୨୦୦ କୋଟି ଡଲାରରୁ ଅଧିକ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜିନିବେଶ ଓଡ଼ିଶା ମୁହାଁ ହେବ। ଲ୍ୟାଣ୍ଡ ବ୍ୟାଙ୍କରେ ୧୦ଲକ୍ଷ ଏକର ଜମି ରଖିବାକୁ ସ୍ଥିର କରି ୨୦୦ କୋଟି ଟଙ୍କାର ବଜେଟ ବରାଦ ହୋଇଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ଆଶା ରଖିଥିବା ବେଳେ ଏଥିରେ ଶିଳ୍ପାୟନର ବଡ଼ ସହଯୋଗ ରହିଛି। ନିଯୁକ୍ତି ବଢ଼ିବା ସହ ପୂର୍ବୋଦୟ ବିକାଶରେ ଓଡ଼ିଶାକୁ ସବୁଠାରୁ ଅଗ୍ରଣୀ ରାଜ୍ୟ କରିବା ପାଇଁ ଓଡ଼ିଶାର ନୂଆ ବିଜେପି ସରକାର ଏଜେଣ୍ଡା ପ୍ରସ୍ତୁତ କରିଛନ୍ତି। ଭୋଟ ସଂକଳ୍ପ ପତ୍ରରେ ସରକାର ଯେଉଁ ପ୍ରତିଶ୍ରୁତି ରଖିଥିଲେ ଏହାକୁ ଇଚ୍ଛାଶକ୍ତି ଓ ବ୍ୟଗ୍ରତାରେ ଦେଖାଇବା ଉଚିତ। ଶିଳ୍ପାୟନ ହେଉଛି ଓଡ଼ିଶାର ଭବିଷ୍ୟତ। ନୂଆ ସରକାର ଏହାକୁ ଗମ୍ଭୀରତାର ସହ ନେଇ ବଡ଼ ଶିଳ୍ପ ଓ ନିବେଶ ପାଇଁ ଓଡ଼ିଶାକୁ ଆହୁରି ଯଥାର୍ଥ ଓ ଏକ ଉଦୀୟମାନ ରାଜ୍ୟ ଭାବେ ଶିଳ୍ପ ଗୋଷ୍ଠୀଙ୍କ ସାମ୍ନାରେ ରଖନ୍ତୁ। ଓଡ଼ିଶାରେ ବ୍ୟାପକ ଶିଳ୍ପ ବିକାଶ ଦ୍ୱାରା ଯୁବ ବର୍ଗ କର୍ମସଂସ୍ଥାନ ପାଇବେ ଓ ଛୋଟବଡ଼ ଶିଳ୍ପ ତିଆରି କରୁଥିବା ଯୁବ ଉଦ୍ୟୋଗୀମାନେ ବାସ୍ତବରେ ଓଡ଼ିଶାର ବିକାଶ ପାଇଁ ନିଜ ଭାଗୀଦାରିତା ରଖିପାରିବେ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ: ୭୪୮୮୯୯୮୫୩୨




## ଅପେକ୍ଷା

### ସରୋଜ କୁମାର ଦାସ



କେଉଁ ଯୁଗର ଅପେକ୍ଷା ତୁମ ପାଇଁ
ବୋଧହୁଏ ସେ ଅପେକ୍ଷାର
ଅନ୍ତ ନାହିଁ।
କାହିଁକି ନା, ତୁମେ ଏକ ମରୀଚିକା
ଅସରନ୍ତି ଅପେକ୍ଷାର
ସୀମା ରେଖା ଡେଇଁ
ଆଜି ତୁମେ ଦୂର ଆକାଶର
ରୁପା ଜହ୍ନ
ଆଉ ମୁଁ, ସେହି କଳ୍ପନାର କଇଁ ।

ହଠାତ୍ ତୁମେ କାହିଁକି ଡାକିଲ
ତୁମ ଅଗଣାକୁ ?
ଯେଉଁଠି ରହିଛି କିଛି ଫଗୁଣର ଛାଇ
ଢାଙ୍କି ଦିଏ ସଫେଦ୍ ଜ୍ୟୋସ୍ନା କୁ
ସୀମା ହୀନ ତିମିର ବୁକୁରେ
ହଜିଯାଏ ଆଶା ଯେତେ ମୋର
ଛୁଇଁବାକୁ ହୃଦୟକୁ ଥରେ
ଅପେକ୍ଷା ମୁଁ କରିଥିବି
କେଉଁ ଏକ ଅନନ୍ତ ଯୁଗକୁ ।

କେମିତି ମୁଁ କହିଥାନ୍ତି କୁହ,
ମନ କଥା ତୁମେ ପାଖେ ଖୋଲି
ମିଛ ଟାରେ ହେଲି ମୁହିଁ ଦୋଷୀ ।
ଯେବେ ଥରେ କହିବାକୁ
କରିଥିଲି ମନ
ସେଦିନ ସେ ପାହାଡ ଶିଖରେ
କେଉଁ ଏକ ସ୍ୱପ୍ନ ଇଲାକାରେ
ନିରୋଳା ସେ ରଜନୀର ଅନ୍ତେ
ମୋ ମନର କିଛି କଥା
ଅକୁହା ରହିଲା
ଚାହୁଁ ଚାହୁଁ ତାରା ସାଥେ
ଦୂରେ ଗଲ ଖସି ।

ତଥାପି ମୋ ଅନ୍ତର ଭିତରେ
ଗଢିଛି ମୁଁ ବିଶ୍ୱାସର ଏକ ଗନ୍ତାଘର
ସେଥିପାଇଁ କରିଛି ଅପେକ୍ଷା
ଏକା ଏକା ତୁମ ବାଟ ଚାହିଁ
ଜାଣିଛି ମୁଁ କେତେ ଲମ୍ବା ରାସ୍ତାଟିଏ
ପାରିବନି ସ୍ପର୍ଶ ଟିଏ ଦେଇ
ପ୍ରଭାତରୁ ଯେବେ ଯିବି ହଜି
ପୁଣି ଏକ ଯୁଗ ଯାଏ
କରିବି ଅପେକ୍ଷା,
ତୁମେ ସେହି ପୂର୍ଣ୍ଣମୀର ଜହ୍ନ
ମୁଁ ଏକ କଳ୍ପନାର କଇଁ ।

ବାଲିଆପାଳ,ବାଲେଶ୍ୱର

## ଗାନ୍ଧୀ

### ଓଟେରି ସେଲଭା କୁମାର



ଏସବୁ ଛାୟାଯୁକ୍ତ
ବାସ୍ତବ ନୁହେଁ
ଏସବୁ ବାସ୍ତବ
କେବଳ ଏକ ଛାୟା
ବିଦ୍ୟମାନ ନାହିଁ
ତେଣୁ...
ବାସ୍ତବତାର ଅର୍ଥ ଥସମ୍ପାଦନାଧ
ଯଦି ଆପଣ ଜାଣିବାକୁ ଚାହୁଁଛନ୍ତି...
ଛାୟା ବିଷୟରେ
ଜାଣିବା ଉଚିତ୍ ଥିଲା
ଛାୟା ବାସ୍ତବ ନୁହେଁ
କିନ୍ତୁ...
ବାସ୍ତବତା ଏକ ଛାୟା ପାଲଟିଯାଏ !
ହଁ।
ଗତକାଲି ଏକ ବାଡ଼ି ଧରି
ଗାନ୍ଧୀ ମହାତ୍ମା
ଯଦିଓ ଏହା ଆଜି ଏକ ପ୍ରତିମୂର୍ତ୍ତି
ଅଟେ
ସମାନ ବେତ ସହିତ
ଛାଇରେ ରହୁଛନ୍ତି
ଜନ୍ମଦିନ ପାଳନ କରିବା ପରି
ଦିନର ବାସ୍ତବତାଥସମ୍ପାଦନାଧ
ଆଜି ଛାୟା...

୨୫/୧୩, ସାନ୍ଥିଆପ୍ପା ସାହି,
ଚେନ୍ନାଇ ୬୦୦୦୧୨
ତାମିଲନାଡୁ

## ମହାଳୟା

### ଦିନେଶ ମେହେର

ଶରତ ସନ୍ଧ୍ୟାରେ ଯେବେ
ହାତୀ ନଦୀ ତୁଠରେ ଏକୁଟିଆ ବସି
ଭାବୁଥାଏ,
ସେତେବେଳେ ତମାମ୍ ଏକଲାପଣ
ମୋ ସାଥିରେ ହଜିଯାଏ
କାଶତଣ୍ଡି ର ଧାରେ ହସରେ !

ମନେପଡ଼େ,
ଆଉ କେଇଟା ମୁହୂର୍ତ୍ତ ପରେ
ପହଞ୍ଚିଯିବ ମହାଳୟା,
କ୍ୟାଲେଣ୍ଡର ରୁ ଓଲଟା ହେବ ନୂଆ
ଏକ ପୃଷ୍ଠା,
ଘୋର୍ ଅମାବାସ୍ୟା କୁ ସ୍ୱାଗତ
କରିବା ପାଇଁ,
ଏଇ ସେ ଅମାବାସ୍ୟା ଯାହା ପୂର୍ଣ୍ଣିମା
ଘେନି ଆସେ ଜଗତକୁ,
ହେଲେ
ପୁଣି ମନେପଡ଼େ
ହେଇତ ଆଉ କେଇଟା ମୁହୂର୍ତ୍ତ ର
ଅବସାନ
ମାଁ ଆସିବ ଧରାପୃଷ୍ଠକୁ
ଅବତରିବ ଅବନୀ ଭୂଇଁ କୁ
ତା କରୁଣା, ତା ଆଶିଷ ଢ଼ାଳି
ଦେବାକୁ
ଏବେ ସେ ନିଶ୍ଚୟ ଅବତରଣ କରିବ
ଏଇ ଧାମରେ.....

ଧିରେ ଧିରେ
ବହି ଆସୁଥିବା ଉତ୍ତରା ପବନ
ବୁହେଇ ଆଣେ ଶାରଦୀୟ ଋତୁର
ବାସ୍ନାକୁ,
ତା ସାଥେ ମହାଳୟାର ଅବସରକୁ,
କେଜାଣି କେତେ ଜାକ ଜକମ
ପୂଜା ପାର୍ବଣ ଆୟୋଜିତ ହୁଏ,
ଯଥା: 'ମାଁ ଦୂର୍ଗାର ଚକ୍ଷୁଦାନ
ଏବଂ ମା ସମଲେଇର ଧବଳ ମୁଖୀ
ବେଶ
ଅବା ବର୍ଷ ଯାକ ଅପେକ୍ଷା କରିଥିବା
ପିତୃ ପୁରୁଷଙ୍କ ପିଣ୍ଡଦାନ !'

ସତରେ ଭାରି ନିଆରା
ଏଇ ଶରତ ଋତୁ,
ଭାରି ଭଲଲାଗେ ଶରତର
ଗଛ ଲତା, ସୂର୍ଯ୍ୟ, ଆକାଶ, ପାଣି,
ପାବନ
କ୍ଷେତ, ବିଲ, ହିଡ !
ସେ ମଲ୍ଲିଫୁଲ ଗଛ ଅବା କଦମ୍ବ ବନ
ସତରେ ଏଇ ଶରତ ହିଁ ତ
ଶିଖେଇ ଦିଏ,
ଶାନ୍ତିରେ ଜୀବନ ଟିକେ ଜିଇଁବାକୁ !

ପଳାସ, କଳାହାଣ୍ଡି

# ମହାତ୍ମା ଗାନ୍ଧୀ



ବିଷ୍ଣୁ ପ୍ରସାଦ ଦାସ

ପୃଥିବୀ ପୃଷ୍ଠରେ ମୋହନ୍ ଦାସ କରମ୍ ଚାନ୍ଦ ଗାନ୍ଧୀଙ୍କୁ ପ୍ରାୟ ଊଣା ଅଧିକେ ସମସ୍ତେ ଜାଣିଛନ୍ତି, ସ୍ୱାଧୀନ ଭାରତର ରାଷ୍ଟ୍ର ପିତା ମହାତ୍ମା ଗାନ୍ଧୀ ପୃଥିବୀ ପୃଷ୍ଠରେ ନିଜର ଏକ ବିରଳ ପରିଚୟ ଛାଡି ଯାଇଛନ୍ତି ଯାହାକି ତା'ଙ୍କୁ ଅମର କରି ଦେଇଛି । ଅଖଣ୍ଡ ଭାରତ ଯେତେବେଳେ ବ୍ରିଟିଶ ଶାସକଙ୍କ ଅଧୀନରେ ଥିଲା ସେତେବେଳେ ଇଂରାଜୀ ଶାସକ ନିଜର କୁଶାସନ ଦ୍ୱାରା ଦେଶକୁ ଲୁଟିବା ସହିତ ନାଗରିକ ମାନଙ୍କୁ କ୍ରୀତଦାସ ପରି ଆଚରଣ କରୁଥିଲେ । ଯେଉଁମାନେ ନେତୃତ୍ୱ ନେଇ ସ୍ୱର ଉତ୍ତୋଳନ କରୁଥିଲେ ସେମାନଙ୍କୁ କାଳ କୋଠରୀ ଭିତରେ ସାରା ଜୀବନ ବିତାଇବାକୁ ପଡୁଥିଲା ବା ଅକାଳ ମୃତ୍ୟୁର ସାମ୍ନା କରିବାକୁ ପଡୁଥିଲା । ଏହାର ପ୍ରମୁଖ କାରଣ ଥିଲା ଯେ ଏହି ପ୍ରକାର ନେତୃତ୍ୱ ନେଉଥିବା ନେତା ମାନେ ସାରା ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ନେତା ମାନଙ୍କ ସହିତ ଯୋଗା ଯୋଗ ରକ୍ଷା କରି ପାରୁ ନଥିଲେ ବା ସମନ୍ୱୟର ଘୋର ଅଭାବ ପରିଲକ୍ଷିତ ହେଉଥିଲା କହିଲେ ଚଳେ । ଅନ୍ୟାୟକୁ ବିରୋଧ କରିବା ମନୁଷ୍ୟ କ'ଣ ସବୁ ଜୀବ ଜଗତର ସହଜାତ ପ୍ରବୃତି ଏହାକୁ ' ବଞ୍ଚିବା ପାଇଁ ସଂଗ୍ରାମ' କୁହାଯାଇ ପାରେ , ସବଳର ଦୁର୍ବଳ ଉପରେ ଅତ୍ୟାଚାର କିଛି ନୂଆ କଥା ନୁହେଁ ଏହା ଯୁଗ ଯୁଗରୁ ଚାଲି ଆସିଛି ଆଉ ଚାଲୁଥିବ ମଧ୍ୟ, କେବଳ ଅତ୍ୟାଚାରର ସଂଜ୍ଞା ହୁଏତ କିଛିଟା ପରିବର୍ତ୍ତନ ହୋଇପାରେ । ମହାତ୍ମା ଗାନ୍ଧୀଙ୍କ ପ୍ରଚେଷ୍ଟାରେ ଦେଶର ନେତୃବୃନ୍ଦ , ସ୍ୱାଧୀନତା ସଂଗ୍ରାମୀ ତଥା ଅତ୍ୟାଚାରର ଶିକାର ହେଉଥିବା ଦେଶବାସୀଙ୍କୁ ଯୋଡି ଏକ ହୋଇ ଅହିଂସା ମାର୍ଗରେ ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପ୍ରଥମ କାର୍ଯ୍ୟ ଥିଲା ।ତେବେ ଅବିଭକ୍ତ ଭାରତ ତ' ଛୋଟ ଦେଶ ନ'ଥିଲା କି ସେତେବେଳେ ଗମନା ଗମନର ଏତେଟା ସୁବିଧା ନ'ଥିଲା ତେଣୁ ଏହି କାର୍ଯ୍ୟ ଖୁବ୍ କଠିନ ଥିଲା କିନ୍ତୁ ଅସମ୍ଭବ ନ'ଥିଲା ।

ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ ୨୮ ଡିସେମ୍ବର ୧୮୮୫ ମସିହାରେ ବମ୍ବେ ଠାରେ ହୋଇଥିଲା ଏଥିରେ ୭୨ ଜଣ ପ୍ରତିନିଧି ଥିଲେ ହ୍ୟୁମ୍ ଏହାର ସାଧାରଣ ସମ୍ପାଦକ ଥିବା ବେଳେ କଲିକତାର ଉମେଶ ଚନ୍ଦ୍ର ବାନାର୍ଜୀ ସଭାପତି ଥିଲେ । ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମିତ ମୋହନଦାସ କରମଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକା ଦେଶରୁ ଫେରି ଗୋପାଳ କୃଷ୍ଣ ଗୋଖଲେଙ୍କ ଅନୁରୋଧ କ୍ରମେ ଭାରତୀୟ ଜାତୀୟ କଂଗ୍ରେସ ରେ ୧୯୧୫ ମସିହାରେ ଆନୁଷ୍ଠାନିକ ଭାବେ ଯୋଗଦେଇ ୩୦ ବର୍ଷର ପୁରୁଣା



କଂଗ୍ରେସ ପାର୍ଟିକୁ ଏକ ନୂତନ ରୂପ ଦେଇଥିଲେ ଏବଂ ୧୯୨୪ ମସିହାରେ ବେଲଗାଓଁ ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ସଭାପତି ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ, ପରାଧୀନ ଭାରତକୁ କିପରି ସ୍ୱାଧୀନ କରାଯିବ ତାହା ହିଁ ତାଙ୍କର ମୂଳ ଲକ୍ଷ ଥିଲା ।

ତାଙ୍କ କାର୍ଯ୍ୟଶୈଳୀ ଅନେକ ସଭ୍ୟଙ୍କୁ ଭଲ ଲଗୁ ନ'ଥିଲା ତଥାପି ସେ ଅହିଂସାକୁ ପାଥେୟ କରି ଆଗେଇ ଚାଲିଥିଲେ । ଅନେକ ଘାତ ପ୍ରତିଘାତ ଉତ୍ଥାନ ପତନ ଦେଇ ବ୍ରିଟିଶ ସରକାରଙ୍କୁ ଗାଦିରୁ ହଟାଇ ସ୍ୱାଧୀନ ଭାରତର ସ୍ୱପ୍ନ ଦେଖୁଥିବା ମଣିଷଟି କେବେବି ହାରି ଯାଇ ନ'ଥିଲା । ଅସହ୍ୟ ଯନ୍ତ୍ରଣା , ଜେଲ ଜୀବନ , କିଛି ଦଳୀୟ କର୍ମକର୍ତ୍ତାଙ୍କ ବିରୋଧ ସତ୍ତ୍ୱେ ସେ ଦେଶକୁ ସ୍ୱାଧୀନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ନୋବେଲ ପୁରସ୍କାର ପ୍ରାପ୍ତ କବି ଗୁରୁ ରବିନ୍ଦ୍ରନାଥ ଠାକୁର 'ମହାତ୍ମା' ଉପାଧି ଦେଇ ତାଙ୍କୁ ମୋହନ ଦାସ କାରମ୍ ଚାନ୍ଦ ଗାନ୍ଧୀ ରୁ ମହାତ୍ମା ଗାନ୍ଧୀ କରି ଦେଇ ଥିଲେ , ସେହି ଦିନ ଠାରୁ ସେ ମହାତ୍ମା ଗାନ୍ଧୀ ଭାବେ ପରିଚିତ, ଅନେକେ ତାଙ୍କୁ ' ବାପୁ' ବୋଲି ସମ୍ବୋଧନ ମଧ୍ୟ କରନ୍ତି । ଇତିହାସ ତ' ଅନେକ କଥା ଲିପିବଦ୍ଧ କରି ରଖିଛି ଏବଂ ଏହିସବୁ ବିଷୟ ଅଳ୍ପେ ବହୁତେ ସମସ୍ତେ ଜାଣିଛନ୍ତି । ଧର୍ମ ନାମରେ ଅଖଣ୍ଡ ଭାରତରରୁ ଅଲଗା ହୋଇ ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ ରାତ୍ରୀରେ ପାକିସ୍ଥାନ ଦେଶ ଜନ୍ମ ନେଲା , ଯାହାକି ପଶ୍ଚିମରୁ ପଞ୍ଜାବ ପ୍ରଦେଶକୁ ବିଭକ୍ତ କରିଦେଲା ଏବଂ ପୂର୍ବ ପଟେ ବଙ୍ଗଳାର କିଛି ଅଂଶ ନେଇ ପୂର୍ବ ପାକିସ୍ତାନ ଦେଶ ହେଲା । ଦେଶ ବିଭାଜନ ଜନିତ ସାମ୍ପ୍ରଦାୟିକ ଦଙ୍ଗାରେ ହଜାର ହଜାର ହିନ୍ଦୁ , ମୁସଲମାନ୍ ଧର୍ମାବଲମ୍ବୀ ପରସ୍ପରର ଶତ୍ରୁ ହୋଇ ଗଣହତ୍ୟା ରେ ନିଜକୁ ସାମିଲ କରିଥିଲେ , ଲକ୍ଷ ଲକ୍ଷ ଲୋକ ଗୃହ ଶୂନ୍ୟ ହେବା ସହିତ ସ୍ଥାବର ଅସ୍ଥାବର ସଂପତ୍ତି ଏପରିକି ନିଜର ଝିଅ, ବୋହୁଙ୍କ ଉପରେ ହେଉଥିବା ପାଶବିକ ନିର୍ଯାତନା ଆଖିବୁଜି ସହ୍ୟ କରୁଥିଲେ । ସ୍ୱାଧୀନତା ପରବର୍ତ୍ତୀ ହିଂସା ଏତେ ସାଙ୍ଘାତିକ ଥିଲା ଯାହାକୁ ବର୍ଣ୍ଣନା କରିବା କଷ୍ଟକର ବ୍ୟାପାର । ମହାତ୍ମା ଗାନ୍ଧୀ କ'ଣ ଏହି ସବୁ ପାଇଁ ଦାୟୀ ? ମହାତ୍ମା ଗାନ୍ଧୀ କ'ଣ ଦେଶ ବିଭାଜନ ଚାହୁଁ ଥିଲେ ? ତେବେ ନିଜ ସ୍ୱାର୍ଥ ପାଇଁ ମହମ୍ମଦ ଜିନ୍ନା ଏବଂ ପଣ୍ଡିତ ନେହେରୁଙ୍କ ଭିତରେ ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ ବିଷ ମଞ୍ଜି ବୁଣି ଦେଇଥିଲେ ? ତେଣୁ ଦୁହେଁ ଦୁଇଟି ସ୍ୱାଧୀନ ରାଷ୍ଟ୍ରର ପ୍ରଧାନ ମନ୍ତ୍ରୀ / ରାଷ୍ଟ୍ର ମୁଖ୍ୟ ହୋଇ ରହିବାକୁ ପସନ୍ଦ କଲେ ତେଣିକି ସାଧାରଣ ଜନତା ଯାହା କଷ୍ଟ /ନିର୍ଯାତନା ଭୋଗିବା କଥା ଭୋଗନ୍ତୁ ସେଥିରେ ତାଙ୍କର କିଛି ଭୂମିକା ଥିଲା ପରି ମନେ ହେଉ ନ ଥିଲା, ସମସ୍ତେ ନିଜ ନିଜ ସ୍ୱାର୍ଥ ପାଇଁ ଅନ୍ୟକୁ ବିପତ୍ପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଚାଲି ଯାଇଥିଲେ ।

ଅହିଂସା ଦ୍ୱାରା ଭାରତ ସ୍ୱାଧୀନ ହେଲା ଏଥିପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନ ତଥା ସ୍ୱାଧୀନତା ସଂଗ୍ରାମୀ ଅନୁଗାମୀ ଗଣ, ଦେଶ ବାସି ଙ୍କର ଋଣ ଭୂଲି ହେବେ ନାହିଁ । ନିଜ ସ୍ୱାର୍ଥ ପାଇଁ ଇତିହାସକୁ ନିଜକୁ ସୁହାଇଲା ପରି ଅନେକ ଜାଗାରେ ଉଲ୍ଲେଖ କରା ଯାଇଅଛି ଯେଉଁଥିରେ କି ମହାତ୍ମା ଗାନ୍ଧୀଙ୍କୁ ଦୋଷ ଦେବା ପରି ମନେହୁଏ । ଯେଉଁ ମହାତ୍ମା ଅହିଂସା ପାଇଁ ସାରା ପୃଥିବୀରେ ପରିଚିତ ସେହି ମହାତ୍ମା ଙ୍କୁ ନେଇ ଆଜିର ଯୁବ ସମାଜ ମନରେ ଅନେକ ଅସମାହିତ ପ୍ରଶ୍ନ ଏହାର ଉତ୍ତର କିଏ ଦେବ ? ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖ ଦିନ ମହାତ୍ମା ଗାନ୍ଧୀଙ୍କୁ ଆତତାୟୀ ନାଥୁରମ ଗଡସ୍ଥେ ହତ୍ୟା କରିବାର କାରଣ କଣ ? ଏହା ପଛରେ କ'ଣ କୌଣସି ପ୍ରକାର କୂଟନୈତିକ ଚାଲ ଜଡିତ ଥିଲା ନା' ମହାତ୍ମା ଗାନ୍ଧୀ ରହିଲେ ସେତେବେଳର ଅନେକ ବିରୋଧୀଂକର ସ୍ୱାର୍ଥରେ ଆଞ୍ଚ ଆସିବ ବୋଲି ଭୟରେ ନାଥୁରମ ଗଡସ୍ଥେଙ୍କ ଦ୍ୱାରା ହତ୍ୟା କରା ଗଲା ? ମହାତ୍ମା ଗାନ୍ଧୀ ଜାତିର ପିତା ବା ଜାତିର ଜନକ ଏହି ଉପାଧି ଛଡା ତାଙ୍କ ପ୍ରତି ଦେଶ ବାସୀଙ୍କର ଆଉ କ'ଣ କିଛି ସମ୍ମାନ ନାହିଁ ? ତାଙ୍କ ନାମରେ ଚାଲୁଥିବା ରାଜ ନୈତିକ ଦଳ ପ୍ରକୃତ ଗାନ୍ଧୀଙ୍କୁ ଭୁଲିଯାଇ ନକଲି ଗାନ୍ଧୀଙ୍କ ପାଇଁ ଆଜି ପାଗଳ , ଗାନ୍ଧୀଙ୍କ ଆଦର୍ଶ, ନୀତି, ଅହିଂସା, ସବୁ ଚୁଲୀକୁ ଯାଇଛି ସ୍ୱାର୍ଥ, ହିଂସା , ଦୁର୍ନିତି ରେ ବୁଡି ଆଜି ଦେଶର ଶାସନ କର୍ତ୍ତା , ବାବୁ, ସରକାରୀ, ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଗଣ ନିଜ ଅଫିସରେ/ ଘରେ ଗାନ୍ଧୀଙ୍କ ଫଟୋ ଟାଙ୍ଗି ତାଙ୍କ ସମ୍ମୁଖରେ ଯେତେ ପ୍ରକାର ଅନ୍ୟାୟ ଦୁର୍ନୀତି ରେ ଲିପ୍ତ ରହୁଛନ୍ତି । ଗାନ୍ଧୀଙ୍କ ଚିତ୍ର ଥିବା ଭାରତୀୟ କାଗଜ ମୁଦ୍ରା ଆଜି ସମସ୍ତଙ୍କର ଦରକାର କିନ୍ତୁ ଗାନ୍ଧୀ ଧୀରେ ଧୀରେ ଆମ ମାନସ ପଟ ରୁ ହଜି ଯାଉଛନ୍ତି । ଆମ ସମାଜରୁ ହୁଏତ ଦିନେ ସେ ସମ୍ପୂର୍ଣ୍ଣ ରୂପେ ହଜିଯିବେ ବା ବାଂଲାଦେଶ ରେ ଯେପରି ବିଦ୍ରୋହୀ ମାନେ ତାଙ୍କ ରାଷ୍ଟ୍ର ପିତା ଶେଖ୍ ମୁଜିବୁର ରେହେମନ୍ ଙ୍କ ମୂର୍ତ୍ତି ଭାଙ୍ଗି ପକାଇଲେ ସେପରି ହେବା କିଛି ଅସମ୍ଭବ ନୁହେଁ । ଆମେ ସ୍ୱାର୍ଥପର, କାପୁରୁଷ କେବଳ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ଏବଂ ତାଙ୍କ ତିରୋଧାନ ଦିବସ ଜାନୁଆରୀ ୩୦ ତାରିଖକୁ ଲୋକ ଦେଖାଣିଆ ଭାବେ କିଛି ଗେଣ୍ଡୁ ଫୁଲ ହାର ଆଣି ତାଙ୍କ ମୂର୍ତ୍ତି ରେ ଦେଇ ଥାଉ ଏବଂ ଏହି ସବୁ ଟିଭି , ଖବର କାଗଜରେ ଛପାଇବାକୁ ମଧ୍ୟ ଅର୍ଥ ବ୍ୟୟ ହୋଇଥାଏ । ଦେଶର ନେତା ମାନେ ଯଦି ଚେଇଁବେ ତେବେ ମହାତ୍ମା ଗାନ୍ଧୀ ମଧ୍ୟ ଆମ ଦେଶର ଯୁବ ପିଢିଙ୍କ ପାଖରେ ସମ୍ମାନିତ ହେବେ, ଅନ୍ୟଥା ଆଗାମୀ ପିଢ଼ି 'ମହାତ୍ମା ଗାନ୍ଧୀ' କିଏ ବୋଲି ଆମକୁ ହୁଏତ ପ୍ରଶ୍ନ ପଚାରିବାକୁ କୁଣ୍ଠା ବୋଧ କରିବେ ନାହିଁ । ଆଜିର ଯୁବପିଢ଼ି କୁହନ୍ତୁ ବା କିଛି ଅସହିଷ୍ଣୁ ଗୋଷ୍ଠୀ କୁହନ୍ତୁ ମହାତ୍ମା ଗାନ୍ଧୀଙ୍କୁ ଦୋଷ ଦେବାରେ କୌଣସି କାର୍ପଣ୍ୟତା କରୁ ନାହାନ୍ତି , ଗାନ୍ଧୀଙ୍କୁ ଭଲଭାବେ ଜାଣନ୍ତୁ, ତାଙ୍କ ଚିନ୍ତାଧାରା, ତାଙ୍କ ଅହିଂସା ମାର୍ଗ , ତାଙ୍କ ସହନ ଶୀଳତା, ତାଙ୍କ ତ୍ୟାଗ , ତାଙ୍କ ଦେଶ ପ୍ରେମ କୁ ପୁଙ୍ଖାନୁପୁଙ୍ଖ ତର୍ଜମା କରନ୍ତୁ ତା'ପରେ ଯଦି କୌଣସି ନକାରାତ୍ମକ ସିଦ୍ଧାନ୍ତ ରେ ଉପନୀତ ହେଉଛନ୍ତି ତେବେ କୁହନ୍ତୁ ।କିଛି ନ'ଜାଣି ଅବାନ୍ତର ଯୁକ୍ତି ର ମୂଲ୍ୟ ଆତ୍ମ ବଡ଼ିମା ଛଡା ଆଉ କିଛି ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଆଜି ସାରା ପୃଥିବୀରେ ପ୍ରସଂଶିତ ତେବେ ଭାରତୀୟ ହୋଇ ଏହାକୁ ନେଇ ଗର୍ବ କରିବା ସହିତ ତାଙ୍କ ନୀତି ବାଣୀକୁ ଆପଣେଇ ବାରେ ଅସୁବିଧା ରହୁଛି କେଉଁଠି ? ହଁ , ହୁଏତ ଅସୁବିଧା ଥାଇପାରେ ନ'ହେଲେ କୋଟି କୋଟି ଟଙ୍କା ଭାରତରୁ ଯାଇ ବେନାମୀ ଆକାଉଣ୍ଟ ରେ ସୁଇସ୍ ବ୍ୟାଙ୍କରେ ରହି ନ'ଥାନ୍ତା । ଏବେବି ସମୟ ଅଛି , ଆମେ ଗାନ୍ଧୀଙ୍କୁ ନିଜ ଆଦର୍ଶ ଭାବିବା ସହିତ ତାଙ୍କ ଅହିଂସା ପଥରେ ଯାଇ ଦୁର୍ନୀତିର ମୂଳୋତ୍ପାଟନ କରି ଦେଶକୁ ସୁବର୍ଣ୍ଣ ଭାରତରେ ପରିଣତ କରିବା ସହିତ ଆଗାମୀ ପିଢିଙ୍କୁ ମଧ୍ୟ ସଚେତନ କରାଇବା , ଏହାହିଁ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିନରେ ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି / ସମ୍ମାନ ହେବ ।

+ବରିଷ୍ଠ ନାଗରିକ
ଝଞ୍ଜିରି ମଙ୍ଗଳା
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ - ମହାତ୍ମାଗାନ୍ଧି



ଅକ୍ଷୟ କୁମାର ରାଉତ



ପୂଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଇ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍ ?ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍ ?ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ।

ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।

ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ।

ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ , ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରଞ୍ଜନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍ ?କାର କଲେ।

ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ, ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ

ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ।

ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୁଆଁଇଲେ।

୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ଚାରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍ ?.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ।

ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍ ?ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍ ?ଙ୍କୁ ନେଇ "ଇଣ୍ଡିଆନ ଓପିନିୟନ" ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିନକ୍ ?ସ ଆଶ୍ରମରେ ଇଣ୍ଡିଆନ

ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମ ଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ।

ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍ ?ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ "ହିନ୍ଦ୍‌ସ୍ୱରାଜ" ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍ ?ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ।

ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଳ୍ପକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ, ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପଟେଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା।

ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ ' ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ।

ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରଞ୍ଜନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟିଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ସହସ୍ରାବ୍ଦୀର ସର୍ବଶ୍ରେଷ୍ଠ ବ୍ୟକ୍ତି ମହାତ୍ମା ଗାନ୍ଧୀ



ଡକ୍ଟର ଲକ୍ଷ୍ମଣ ସାହୁ

୧୮୬୯ ଅକ୍ଟୋବର ୦୨ରେ ଜନ୍ମ ନେଇଥିଲେ ମୋହନଦାସ କରମଚାନ୍ଦ ଗାନ୍ଧୀ। ଜଣେ ଭାରତୀୟ ଆଇନଜୀବୀ, ଉପନିବେଶ ବିରୋଧୀ ଜାତୀୟତାବାଦୀ ଓ ରାଜନୈତିକ ନୈତିକତାବାଦୀ, ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋପରି ଭାରତବର୍ଷରେ ଶ୍ରେଷ୍ଠ ମହାପୁରୁଷ ଥିଲେ। ଯିଏ ବ୍ରିଟିଶ ଶାସନରୁ ଭାରତର ସ୍ୱାଧୀନତା ପାଇଁ ସଫଳ ଅଭିଯାନର ନେତୃତ୍ୱ ନେବା ପାଇଁ ଅହିଂସାତ୍ମକ ପ୍ରତିରୋଧ ପ୍ରୟୋଗ କରି ପରାଧୀନ ଭାରତରେ ସ୍ୱାଧୀନତାର ବୀଜ ବୁଣିଥିଲେ । ସେ ସମଗ୍ର ବିଶ୍ୱରେ ନାଗରିକ ଅଧିକାର ଓ ସ୍ୱାଧୀନତା ପାଇଁ ଆନ୍ଦୋଳନକୁ ପ୍ରେରଣା ଦେଇଥିଲେ। ୧୯୧୪ ମସିହାରେ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ତାଙ୍କୁ ସମ୍ମାନଜନକଭାବେ ଡକା ଯାଇଥିବା ମହତ୍ମା । ଏହି ମହାତ୍ମା ଶବ୍ଦ ସଂସ୍କୃତ 'ମହାନ, ସମ୍ମାନଜନକ' ଏବେ ସମଗ୍ର ବିଶ୍ୱରେ ଗାନ୍ଧୀଙ୍କ ସମବେତ ଶ୍ରେଷ୍ଠ ମହାପୁରୁଷଙ୍କ ପାଇଁ ବ୍ୟବହୃତ ହେଉଛି।

ଇଂରେଜ ଶାସନ ବିରୋଧରେ ସଫଳ ହୋଇଥିବା ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବରେ ଗାନ୍ଧୀଜୀ ଜଣାଶୁଣା। ତାଙ୍କୁ ଆଧୁନିକ ଭାରତର ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବରେ ମଧ୍ୟ ପ୍ରଶଂସା କରାଯାଏ । କେବଳ ସେ ଭାରତରେ ନୁହେଁ ଆମେରିକୀୟ ଐତିହାସିକ ଷ୍ଟାନଲି ଓଲପର୍ଟ ଗାନ୍ଧୀଙ୍କୁ 'ଭାରତର ସର୍ବଶ୍ରେଷ୍ଠ ବିପ୍ଳବୀ ଜାତୀୟତାବାଦୀ ନେତା' ଓ ବୁଦ୍ଧଙ୍କ ପରବର୍ତ୍ତୀ ସର୍ବଶ୍ରେଷ୍ଠ ଭାରତୀୟ ବୋଲି ବର୍ଣ୍ଣନା କରିଥିଲେ । ଅଦ୍ୟାବଧି ୧୯୯୯ ମସିହାରେ ଗାନ୍ଧୀଙ୍କୁ ଏସିଆ ସପ୍ତାହ ପକ୍ଷରୁ 'ଶତାବ୍ଦୀର ଶ୍ରେଷ୍ଠ ଏସୀୟ' ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୦୦ ମସିହାରେ ବିବିସି ସର୍ଭେରେ ତାଙ୍କୁ ସହସ୍ରାବ୍ଦୀର ସର୍ବଶ୍ରେଷ୍ଠ ବ୍ୟକ୍ତି ଭାବେ ବିବେଚନା କରାଯାଇଥିଲା । ସୂଚେଇ ଦେବାକୁ ଚାହେଁ ମହାତ୍ମା ଶବ୍ଦକୁ ପାଶ୍ଚାତ୍ୟରେ ଗାନ୍ଧୀଙ୍କ ନାମ ବୋଲି ଭୁଲ କରାଯାଉଥିଲେ ମଧ୍ୟ ସଂସ୍କୃତ ଶବ୍ଦ ମହା (ଅର୍ଥାତ୍ ମହାନ) ଓ ଆତ୍ମା (ଅର୍ଥାତ୍ ଆତ୍ମା)ରୁ ନିଆଯାଇଛି । ୧୯୧୪ ଜୁଲାଇରେ ଡର୍ବାନର ଟାଉନ ହଲରେ ବିଦାୟୀ ସଭାରେ ତାଙ୍କୁ ସାର୍ବଜନୀନ ଭାବରେ 'ମହାତ୍ମା' ଉପାଧିରେ ସମ୍ମାନିତ କରାଯାଇଥିଲା। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ୧୯୧୫ ମସିହା ସୁଦ୍ଧା ଗାନ୍ଧୀଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ ବୋଲି କୁହାଯାଏ । ତଥାପି ଗାନ୍ଧୀ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣନା କରିଛନ୍ତି ଯେ ସେ ଏହି ଟାଇଟଲକୁ କେବେ ବି ଗୁରୁତ୍ୱ ଦେଇନଥିଲେ ଓ ଏଥିପାଇଁ ସେ ଅନେକ ସମୟରେ ଦୁଃଖିତ ହେଉଥିଲେ । ତାଙ୍କ ସ୍ମୃତିରେ ଭାରତର ଅସଂଖ୍ୟ ରାସ୍ତା, ସଡ଼କ ଓ ଅଞ୍ଚଳ ଗାନ୍ଧିଙ୍କ ନାମରେ ନାମିତ ହୋଇଛି । ଏଥିରେ ଏମ୍ ଜି ରୋଡ୍ ମୁମ୍ବାଇ, ବାଙ୍ଗାଲୋର, କୋଲକାତା, ଲକ୍ଷ୍ନୌ, କାନପୁର, ଗ୍ୟାଙ୍ଗଟକ୍ ତଥା ଇନ୍ଦୋର ସମେତ ଅନେକ ଭାରତୀୟ ସହରର ମୁଖ୍ୟ ରାସ୍ତା, ଗାନ୍ଧୀ ମାର୍କେଟ୍ (ସିଓନ୍, ମୁମ୍ବାଇ ନିକଟରେ) ଓ ଗାନ୍ଧୀନଗର ଭାବରେ ଗୁଜରାଟ ରାଜ୍ୟର ରାଜଧାନୀ, ଗାନ୍ଧୀଙ୍କ ଜନ୍ମସ୍ଥାନ ଅନ୍ତର୍ଭୁକ୍ତ କରାଯାଇଛି । ୨୦୦୮ ସୁଦ୍ଧା ୧୫୦ରୁ ଅଧିକ ଦେଶ ଗାନ୍ଧୀଙ୍କ ଉପରେ ଟିକଟ ଜାରି କରିଥିଲେ । ଅକ୍ଟୋବର ୨୦୧୯ରେ ରୁଷିଆ, ଇରାନ, ତୁର୍କୀ, ଉଜ୍ବେକିସ୍ତାନ, ପାଲେଷ୍ଟାଇନ ସମେତ ପ୍ରାୟ ୮୭ଟି ଦେଶ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସ୍ମାରକୀ ଗାନ୍ଧୀ ଟିକଟ ଉନ୍ମୋଚନ କରିଥିଲେ । ଅକ୍ଟୋବର ୨୦୨୨ରେ ଆସ୍ତାନାରେ କାଜାଖସ୍ତାନର ରକ୍ଷକମାନଙ୍କ ପାଇଁ ସଂପ୍ରଦାୟ ସ୍ମାରକୀ ସମ୍ମୁଖରେ ରୋଇଂ କେନାଲର ବନ୍ଧରେ ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ମୋହନଦାସ କରମଚାନ୍ଦ ଗାନ୍ଧୀ ମନେ ପଡ଼ନ୍ତି ତାଙ୍କର ବକ୍ତବ୍ୟ, ଚିଠି , ତାଙ୍କ ଜୀବନର ନୀତି, ଅଭ୍ୟାସ ଓ ସତ୍ୟ , ଅହିଂସା, ଦୃଢ଼ ବିଶ୍ୱାସ ବଳରେ । ଅନେକ ରାଜନୈତିକ ନେତା , ପଣ୍ଡିତ, ଆଲୋଚକ , ଗବେଷକଙ୍କୁ ଏହା କେବଳ ଆକର୍ଷିତ କରିଛି ନୁହେଁ , ବରଂ ଅଧିକ ପ୍ରଭାବିତ କରିଛି । କେତେକ ଲେଖକ ତାଙ୍କୁ ନୈତିକ ଜୀବନ ଶୈଳୀ ଓ ଶାନ୍ତିବାଦର ଏକ ପାରାଗନ ଭାବରେ ଉପସ୍ଥାପିତ କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ତାଙ୍କ ସଂସ୍କୃତି ଓ ପରିସ୍ଥିତିଦ୍ୱାରା ପ୍ରଭାବିତ ଏକ ଅଧିକ ଜଟିଳ, ବିରୋଧୀ ଓ ବିକଶିତ ଚରିତ୍ର ଭାବରେ ଉପସ୍ଥାପିତ କରନ୍ତି । ସତ୍ୟ ଓ ସତ୍ୟାଗ୍ରହ ନାୟକ ଗାନ୍ଧୀ ବେଳେ ବେଳେ ଗୁଜବ ଉପରେ ତାଙ୍କ ବକ୍ତବ୍ୟକୁ ମଧ୍ୟ ଫଳକରେ ପ୍ରଦର୍ଶିତ କରାଯାଇଛି । ଗାନ୍ଧୀ ସତ୍ୟକୁ ଆବିଷ୍କାର ଓ ଅନୁସରଣ କରିବା ପାଇଁ ନିଜ ଜୀବନକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଥିଲେ । ତାଙ୍କ ଆନ୍ଦୋଳନକୁ ସତ୍ୟାଗ୍ରହ ବୋଲି କହିଥିଲେ । ଯାହାର ଅର୍ଥ ହେଉଛି 'ସତ୍ୟକୁ ଅନୁରୋଧ କରିବା, ଜିଦ୍ କରିବା କିମ୍ବା ନିର୍ଭରଶୀଳତା' । ସତ୍ୟାଗ୍ରହକୁ ଏକ ରାଜନୈତିକ ଆନ୍ଦୋଳନ ଓ ନୀତି ଭାବରେ ପ୍ରଥମ ପ୍ରଣୟନ ୧୯୨୦ ମସିହାରେ କରାଯାଇଥିଲା । ଯାହାକୁ ସେ ସେହି ବର୍ଷ ସେପ୍ଟେମ୍ବରରେ ଭାରତୀୟ କଂଗ୍ରେସର ଏକ ଅଧିବେଶନ ପୂର୍ବରୁ 'ଅସହଯୋଗ ସଂକଳ୍ପ' ଭାବରେ ଉପସ୍ଥାପନ କରିଥିଲେ । ଡେନିସ୍ ଡାଲ୍ଟନ୍ କହନ୍ତି, ସତ୍ୟାଗ୍ରହ ରଚନା ଓ ପଦକ୍ଷେପ ହିଁ ଲୋକମାନଙ୍କ ବିଶ୍ୱାସ ଓ ସଂସ୍କୃତିରେ ଗଭୀର ଭାବରେ ପ୍ରତିଫଳିତ ହୋଇଥିଲା, ଯାହା ତାଙ୍କୁ ଜନଚେତନାରେ ବାନ୍ଧି ଦେଇଥିଲା ଓ ତାଙ୍କୁ ଶୀଘ୍ର ମହାତ୍ମାରେ ପରିଣତ କରିଥିଲା । ଭଗବାନ ହେଉଛନ୍ତି ସତ୍ୟ । ଅହିଂସା ମାଧ୍ୟମରେ ହିଁ ସତ୍ୟର ବାଟ ରହିଛି' । ୧୯୨୭ ମାର୍ଚ୍ଚ ୧୩ ସାବରମତୀରେ ଗାନ୍ଧିଜୀ ସତ୍ୟାଗ୍ରହକୁ ଆତ୍ମଅନୁଭବ, ଅହିଂସା , ନିରାମିଷ ଓ ସାର୍ବଜନୀନ ପ୍ରେମର ବେଦାନ୍ତିକ ଆଦର୍ଶ ଉପରେ ଆଧାରିତ କରିଥିଲେ । ଏ ସମ୍ପର୍କରେ ୱିଲିୟମ୍ ବୋର୍ମାନ୍ କହିଛନ୍ତି, ତାଙ୍କ ସତ୍ୟାଗ୍ରହର ଚାବି ହିନ୍ଦୁ ଉପନିଷଦୀୟ ଗ୍ରନ୍ଥରେ ରହିଛି । ଇନ୍ଦିରା କାର୍ଜ୍ଙ୍କ ମତରେ ଅହିଂସା ଓ ସତ୍ୟାଗ୍ରହ ଉପରେ ଗାନ୍ଧୀଙ୍କ ଧାରଣା ଅଦ୍ୱୈତ ବେଦାନ୍ତର ଦାର୍ଶନିକ ଭିତ୍ତିଭୂମି ଉପରେ ଆଧାରିତ ଥିଲା । ବ୍ରୁସ୍ ୱାଟସନ୍ କହିଛନ୍ତି, ଏହି ଧାରଣାଗୁଡ଼ିକ ମଧ୍ୟରୁ କିଛି କେବଳ ହିନ୍ଦୁ ଧର୍ମର ପରମ୍ପରାରେ ନୁହେଁ, ବରଂ ଜୈନ ଧର୍ମ କିମ୍ବା ବୌଦ୍ଧ ଧର୍ମରେ ମଧ୍ୟ ଦେଖିବାକୁ ମିଳେ । ବିଶେଷକରି ଅହିଂସା, ନିରାମିଷ ଓ ସାର୍ବଜନୀନ ପ୍ରେମ ବିଷୟରେ ରହିଛି । କିନ୍ତୁ ଗାନ୍ଧୀଙ୍କ ସଂଶ୍ଳେଷଣ ଏହି ଧାରଣାଗୁଡ଼ିକୁ ରାଜନୀତିକରଣ କରିବା ପାଇଁ ଥିଲା । ଗ୍ଲିନ୍ ରିଚାର୍ଡସଙ୍କ ମତରେ ସତ୍ୟକୁ ଏକ ନାଗରିକ ଆନ୍ଦୋଳନ ଭାବରେ ଗାନ୍ଧୀଙ୍କ ଧାରଣା ଧର୍ମ ଓ ସୀତାର ହିନ୍ଦୁ ପରିଭାଷା ପରିପ୍ରେକ୍ଷୀରେ ଭଲ ଭାବରେ ବୁଝାଯାଏ ।

ବାସ୍ତବରେ ଗାନ୍ଧୀ କହିଥିଲେ ଯେ ଲଢ଼ିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ହେଉଛି ନିଜ ଭୟ ଓ ଅସୁରକ୍ଷିତତାକୁ ଅତିକ୍ରମ କରିବା । ଗାନ୍ଧିଜୀ ପ୍ରଥମେ 'ଭଗବାନ ହିଁ ସତ୍ୟ' କହି ନିଜର ବିଶ୍ୱାସକୁ ଦୃଢ଼ କରିଥିଲେ । ପରବର୍ତ୍ତୀ ସମୟରେ ସେ ଏହି ବୟାନକୁ ବଦଳାଇ 'ସତ୍ୟ ହିଁ ଭଗବାନ' ରଖିଥିଲେ । ତେଣୁ ଗାନ୍ଧିଜୀଙ୍କ ଦର୍ଶନରେ ସତ୍ୟ ହେଉଛି 'ଭଗବାନ' । ରିଚାର୍ଡସ କହନ୍ତି, ଗାନ୍ଧୀ 'ଭଗବାନ' ଶବ୍ଦକୁ ଏକ ଅଲଗା ଶକ୍ତି ଭାବରେ ବର୍ଣ୍ଣନା କରିଥିଲେ, ବରଂ ଅଦ୍ୱୈତ ବେଦାନ୍ତ ପରମ୍ପରାର ଅସ୍ତିତ୍ୱ (ବ୍ରାହ୍ମଣ, ଆତ୍ମା) ଭାବରେ ବର୍ଣ୍ଣନା କରିଥିଲେ । ଯାହା ପ୍ରତ୍ୟେକ ବ୍ୟକ୍ତି ଏବଂ ସମସ୍ତ ଜୀବନରେ ସମସ୍ତ ଜିନିଷରେ, ଏକ ଅଣଦୁଃସାମୟିକ ସାର୍ବଜନୀନ ଭାବରେ ବ୍ୟାପିଥାଏ ।' ସେଭଳି ନିକୋଲାସ ଗିୟରଙ୍କ ଦୃଷ୍ଟିରେ ଗାନ୍ଧିଜୀଙ୍କ ପାଇଁ ଏହାର ଅର୍ଥ ହେଉଛି ଭଗବାନ ଓ ମନୁଷ୍ୟର ଏକତା । ସମସ୍ତ ପ୍ରାଣୀଙ୍କର ଗୋଟିଏ ଆତ୍ମା ସମାନ ଓ ସେଥିପାଇଁ ସମାନତା ଅଛି। ଆତ୍ମା ଅଛି ଓ ବ୍ରହ୍ମାଣ୍ଡର ସମସ୍ତ ଜିନିଷ ସହିତ ସମାନ, ଅହିଂସା ହେଉଛି ଏହି ଆତ୍ମାର ପ୍ରକୃତି ।

ପ୍ରକୃତରେ ଦେଖିବାକୁ ଗଲେ ଇଂରେଜମାନଙ୍କୁ ଲୁଣ ସଂଗ୍ରହର ଏକଚ୍ଛତ୍ରବାଦ ପ୍ରଦାନ କରୁଥିବା ଔପନିବେଶିକ ଆଇନକୁ ଉଲ୍ଲଂଘନ କରିବା ପାଇଁ ଗାନ୍ଧିଜୀ ଲୁଣ ସତ୍ୟାଗ୍ରହ ସମୟରେ ଲୁଣ ସଂଗ୍ରହ କରିଥିଲେ। ତାଙ୍କ ସତ୍ୟାଗ୍ରହ ବହୁ ସଂଖ୍ୟାରେ ଭାରତୀୟ ପୁରୁଷ ଓ ମହିଳାଙ୍କୁ ଆକର୍ଷିତ କରିଥିଲା । ତେଣୁ ସତ୍ୟାଗ୍ରହର ସାର ହେଉଛି ଏକ ରାଜନୈତିକ ମାଧ୍ୟମ ଭାବରେ 'ଆତ୍ମା ଶକ୍ତି' ।ଅତ୍ୟାଚାରକାରୀଙ୍କ ବିପକ୍ଷରେ ନିଷ୍ଠୁର ବଳ ପ୍ରୟୋଗ କରିବାକୁ ମନା କରିବା, ଅତ୍ୟାଚାରକାରୀ ଓ ଶୋଷିତଙ୍କ ମଧ୍ୟରେ ଥିବା ଶତ୍ରୁତାକୁ ଦୂର କରିବାକୁ ଚେଷ୍ଟା କରିବା, ଅତ୍ୟାଚାରକାରୀଙ୍କୁ ପରିବର୍ତ୍ତନ କିମ୍ବା 'ଶୁଦ୍ଧ' କରିବା ଉଦ୍ଦେଶ୍ୟରେ । ଏହା ନିଷ୍କ୍ରିୟତା ନୁହେଁ , ବରଂ ନିଷ୍କ୍ରିୟ ପ୍ରତିରୋଧ ଓ ଅସହଯୋଗ ଯେଉଁଠାରେ ଆର୍ଥର ହର୍ମାନ୍ କୁହନ୍ତି, 'ପ୍ରେମ ହିଁ ଘୃଣାକୁ ଜିତିଥାଏ' । ସତ୍ୟାଗ୍ରହ ପାଇଁ ବେଳେବେଳେ ବ୍ୟବହୃତ ହେଉଥିବା ଏକ ଉଦାହରଣ ହେଉଛି ଏହା ଏକ 'ନୀରବ ଶକ୍ତି' ବା 'ଆତ୍ମା ଶକ୍ତି' । ଏହି ଏକ ଶବ୍ଦ ଯାହା ମାର୍ଟିନ ଲୁଥର କିଙ୍ଗ ଜୁନିୟର ତାଙ୍କ 'ଆଇ ହେଭ୍ ଆ ଡ୍ରିମ୍ ' ଭାଷଣ ସମୟରେ ମଧ୍ୟ ବ୍ୟବହୃତ କରିଥିଲେ । ଏହା ବ୍ୟକ୍ତିକୁ ଶାରୀରିକ ଶକ୍ତି ପରିବର୍ତ୍ତେ ନୈତିକ ଶକ୍ତି ପ୍ରଦାନ କରିଥାଏ । ସତ୍ୟାଗ୍ରହକୁ 'ସାର୍ବଜନୀନ ଶକ୍ତି' ମଧ୍ୟ କୁହାଯାଏ । କାରଣ ଏହା ମୂଳତଃ 'ସମ୍ପର୍କୀୟ ଓ ଅପରିଚିତ, ଯୁବକ ଓ ବୃଦ୍ଧ, ପୁରୁଷ ଓ ମହିଳା, ବନ୍ଧୁ ଓ ଶତ୍ରୁଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ । ଗାନ୍ଧିଜୀ ଲେଖିଛନ୍ତି, 'ଏଥିରେ କୌଣସି ଅଧୀରତା ରହିବା ଉଚିତ୍ ନୁହେଁ, କୌଣସି ବର୍ବରତା ନାହିଁ, କୌଣସି ଅସଦାଚରଣ ନାହିଁ, କୌଣସି ଅଯଥା ଚାପ ନାହିଁ । ଯଦି ଆମେ ଗଣତନ୍ତ୍ରର ପ୍ରକୃତ ଭାବନା ସୃଷ୍ଟି କରିବାକୁ ଚାହୁଁଛୁ, ତେବେ ଆମେ ଅସହିଷ୍ଣୁ ହୋଇପାରିବା ନାହିଁ । ଅସହିଷ୍ଣୁତା କାହାର ଉଦ୍ଦେଶ୍ୟ ଉପରେ ବିଶ୍ୱାସ ରଖିବାକୁ ଧୋକା ଦେଇଥାଏ । ସତ୍ୟାଗ୍ରହ ଅଧୀନରେ ପ୍ରଚଳିତ ନାଗରିକ ଅବମାନନା ଓ ଅସହଯୋଗ 'ଦୁଃଖର ନିୟମ' ଉପରେ ଆଧାରିତ ଏକ ସିଦ୍ଧାନ୍ତ , ଯାହା ଦୁଃଖର ସହନଶୀଳତା ହେଉଛି ଶେଷ ହେବାର ଏକ ମାଧ୍ୟମ । ଏହି ଉଦ୍ଦେଶ୍ୟ ସାଧାରଣତଃ ଜଣେ ବ୍ୟକ୍ତି ସମାଜର ନୈତିକ ଉନ୍ନତି ବା ପ୍ରଗତିକୁ ସୂଚିତ କରେ । ତେଣୁ ସତ୍ୟାଗ୍ରହରେ ଅସହଯୋଗ ବାସ୍ତବରେ ସତ୍ୟ ଓ ନ୍ୟାୟ ସହିତ ବିରୋଧୀଙ୍କ ସହଯୋଗକୁ ସୁରକ୍ଷିତ ରଖିବାର ଏକ ମାଧ୍ୟମ । ତେଣୁ ସତ୍ୟାଗ୍ରହକୁ ଏକ ରାଜନୈତିକ ମାଧ୍ୟମ ଭାବରେ ଗାନ୍ଧୀଙ୍କ ଧାରଣା ଭାରତୀୟଙ୍କ ମଧ୍ୟରେ ବ୍ୟାପକ ଅନୁସରଣ ଆକର୍ଷିତ କରିଥିଲା । କିନ୍ତୁ ସମର୍ଥନ ସାର୍ବଜନୀନ ନଥିଲା । ଉଦାହରଣ ସ୍ୱରୂପ, ଜିନ୍ନାଙ୍କ ପରି ମୁସଲମାନ ନେତାମାନେ ସତ୍ୟାଗ୍ରହ ବିଚାରକୁ ବିରୋଧ କରିଥିଲେ । କେତେକ ରାଜନୈତିକ ସକ୍ରିୟତା ମାଧ୍ୟମରେ ଗାନ୍ଧୀଙ୍କୁ ହିନ୍ଦୁଧର୍ମକୁ ପୁନର୍ଜୀବିତ କରୁଥିବା ଅଭିଯୋଗ କରିଥିଲେ ଓ ମୁସଲମାନ ଜାତୀୟତାବାଦ ଓ ମୁସଲମାନ ମାତୃଭୂମି ଦାବି ମାଧ୍ୟମରେ ଗାନ୍ଧୀଙ୍କୁ ମୁକାବିଲା କରିବାକୁ ପ୍ରୟାସ ଆରମ୍ଭ କରିଥିଲେ । ଗାନ୍ଧୀ ଥିଲେ ଅହିଂସାର ପ୍ରତୀକ । ୧୯୩୧ ସେପ୍ଟେମ୍ବର ୨୬ , ଲାଙ୍କାଶାୟାରର ଡାର୍ୱେନ ?ରେ ବୟନ ଶିଳ୍ପୀଙ୍କ ସହ ଗାନ୍ଧୀ ଯଦିଓ ଗାନ୍ଧୀ ଅହିଂସାନୀତିର ପ୍ରବର୍ତ୍ତକ ନଥିଲେ, ତଥାପି ସେ ପ୍ରଥମେ ଏହାକୁ ରାଜନୈତିକ କ୍ଷେତ୍ରରେ ବ୍ୟାପକ ସ୍ତରରେ ପ୍ରୟୋଗ କରିଥିଲେ । ଅହିଂସା ଧାରଣାରେ ଭାରତୀୟ ଧାର୍ମିକ ଚିନ୍ତାଧାରାରେ ଏକ ଦୀର୍ଘ ଇତିହାସ ରହିଛି । ଏହାକୁ ସର୍ବୋଚ୍ଚ ଧର୍ମ ନୈତିକ ମୂଲ୍ୟ ଗୁଣ ଭାବରେ ବିବେଚନା କରାଯାଏ । ଯାହା ସମସ୍ତ ଜୀବଜନ୍ତୁ ସର୍ବଭୂତ, ସର୍ବଦା (ସର୍ବଦ), ସମସ୍ତ କ୍ଷେତ୍ରରେ (ସର୍ବତା), କାର୍ଯ୍ୟ, ଶବ୍ଦ ଓ ଚିନ୍ତାଧାରାରେ ପାଳନ କରାଯାଏ । ଗାନ୍ଧିଜୀ ତାଙ୍କ ଆତ୍ମଜୀବନୀ 'ଦ ଷ୍ଟୋରୀ ଅଫ୍ ମାଇଁ ଏକ୍ସପେରିମେଣ୍ଟସ୍ ୱିଥ୍ ଟ୍ରୁଥ୍'ରେ ଅହିଂସା ବିଷୟରେ ନିଜ ଦର୍ଶନ ଓ ଧାରଣାକୁ ରାଜନୈତିକ ମାଧ୍ୟମ ଭାବେ ବର୍ଣ୍ଣନା କରିଛନ୍ତି । ଯଦିଓ ଗାନ୍ଧୀ ଅହିଂସାକୁ ହିଂସା ଠାରୁ ଅସୀମ ଶ୍ରେଷ୍ଠ ବୋଲି ଭାବୁଥିଲେ, ତଥାପି ସେ ହିଂସାକୁ କାତରତା ଅପେକ୍ଷା ଅଧିକ ପସନ୍ଦ କରୁଥିଲେ । ସେ କହିଛନ୍ତି ଯେ ସେ ତାଙ୍କ ସମ୍ମାନ ରକ୍ଷା କରିବା ପାଇଁ ଭାରତକୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ପସନ୍ଦ କରିବେ, ବରଂ ସେ କାତରତାପୂର୍ଣ୍ଣ ଢଙ୍ଗରେ ନିଜ ଅପମାନର ଅସହାୟ ସାକ୍ଷୀ ହେବା ଉଚିତ୍। ଗାନ୍ଧିଜୀ ବିଶିଷ୍ଟ ଲେଖକ ଥିଲେ । ସେ ଗୁଜରାଟୀ, ହିନ୍ଦୀ ଓ ଇଂରାଜୀ ଭାଷାରେ ହରିଜନଙ୍କ ସମେତ ଅନେକ ଖବରକାଗଜ ସମ୍ପାଦନା କରିଥିଲେ । ଗାନ୍ଧିଜୀ ତାଙ୍କ ଆତ୍ମଜୀବନୀ, ସତ୍ୟର କାହାଣୀ ଗୁଜରାଟି' ସମେତ ଅନେକ ପୁସ୍ତକ ମଧ୍ୟ ଲେଖିଥିଲେ । ତାଙ୍କର ଅନ୍ୟ ଆତ୍ମଜୀବନୀ ଗୁଡ଼ିକ ହେଲା: ଦକ୍ଷିଣ ଆଫ୍ରିକାରେ ତାଙ୍କ ସଂଘର୍ଷ ବିଷୟରେ ସତ୍ୟାଗ୍ରହ, ହିନ୍ଦ ସ୍ୱରାଜ ବା ଇଣ୍ଡିଆନ୍ ହୋମ୍ ରୁଲ୍, ଏକ ରାଜନୈତିକ ପୁସ୍ତକ ଏବଂ ଜନ୍ ରସ୍କିନ୍ଙ୍କ 'ଟୁ ଦିସ୍ ଲାଷ୍ଟ'ର ଗୁଜରାଟୀ ଭାଷାରେ ଏକ ବର୍ଣ୍ଣନା ଯାହା ରାଜନୈତିକ ଅର୍ଥନୀତିର ପ୍ରାରମ୍ଭିକ ସମାଲୋଚନା ଥିଲା । ଏହି ଶେଷ ପ୍ରବନ୍ଧକୁ ଅର୍ଥନୀତି ଉପରେ ତାଙ୍କର କାର୍ଯ୍ୟକ୍ରମ ଭାବରେ ବିବେଚନା କରାଯାଇପାରେ । ନିରାମିଷ, ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ, ଧର୍ମ, ସାମାଜିକ ସଂସ୍କାର ଇତ୍ୟାଦି ଉପରେ ମଧ୍ୟ ସେ ବିସ୍ତୃତ ଭାବରେ ଲେଖିଥିଲେ । ସେ ଗୁଜରାଟୀ ଭାଷାରେ ଲେଖୁଥିଲେ । ହିନ୍ଦୀ ଓ ଇଂରାଜୀ ଅନୁବାଦକୁ ମଧ୍ୟ ସଂଶୋଧନ କରିଥିଲେ । ମହାରାଷ୍ଟ୍ରର ୟେରୱାଡା ଜେଲରେ ଥିବା ବେଳେ ଜେଲରୁ ଗୀତ ଲେଖିଥିଲେ । ନିଷ୍କର୍ଷରେ କେବଳ କହିହେବ ସହସ୍ରାବ୍ଦୀର ସର୍ବଶ୍ରେଷ୍ଠ ବ୍ୟକ୍ତି ସତ୍ୟ ଓ ଅହିଂସାର ପ୍ରତୀକ ମୋହନଦାସ କରମଚାନ୍ଦ ଗାନ୍ଧୀ ଅବିସ୍ମରଣୀୟ , ତାଙ୍କ ଜୟନ୍ତୀରେ ସମଗ୍ର ବିଶ୍ୱବାସୀଙ୍କ କୋଟି ପ୍ରଣାମ...!!!




+ଅଧ୍ୟକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ମୋ: ୯୦୪୦୧୫୧୪୭୫


## ଗାନ୍ଧୀଙ୍କୁ ଆମେ କେତେ ଜାଣିଛେ ?



ଗୋପାଳ ମହାପାତ୍ର

ମହାତ୍ମାଗାନ୍ଧୀଙ୍କୁ ଆମେ କେତେ ବୁଝିଛେ ସେକଥା ଜାଣିବା ପାଇଁ ଆମ ମନ/ହୃଦୟ ନିର୍ମଳ ହେବା ଆବଶ୍ୟକ। ମହାନହୃଦୟ ଭିତରେ ଘୃଣାଭାବ ରଖି ଗାନ୍ଧୀଙ୍କୁ ବୁଝିହେବ ନାହିଁ। ସାଧାରଣତଃ ଏଇ ପାଠ ପଢୁଆ ସମାଜରେ ଯେତେବେଳେ ଗାନ୍ଧୀଙ୍କ କଥାକୁ ନେଇ ଚର୍ଚ୍ଚା ହୁଏ ସେତେବେଳେ ଅନେକ ଲୋକ ଭାବନ୍ତି ଯେ ବର୍ତ୍ତମାନର ସମୟରେ ଗାନ୍ଧୀଙ୍କର ଆଦର୍ଶକୁ ଆପଣେଇ ବଞ୍ଚିହେବ ନାହିଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଗାନ୍ଧୀଙ୍କ ଆଦର୍ଶ କ'ଣ ? ସତ୍ୟ ଅହିଂସା ଏବଂ ସଚ୍ଚୋଟତା ହିଁ ଗାନ୍ଧୀଙ୍କ ଆଦର୍ଶ। ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଏତେ ବଡ଼ ଯେ ସମୁଦ୍ର ମଧ୍ୟ ଛୋଟ ପଡିଯିବ। ଗାନ୍ଧୀଙ୍କ ବିଷୟରେ ଯେତେ ଜାଣିବାକୁ ଚାହିଁବା ସେତିକି ଅଧିକ ଅଧିକ ଜାଣିବାକୁ ପାଇବା। ଗାନ୍ଧୀ ଲୋକଙ୍କ ହୃଦୟ ପରିବର୍ତ୍ତନ ପାଇଁ ଆନ୍ଦୋଳନ କରୁଥିଲେ। ସେ କାହାରିକୁ ତାଙ୍କର ଶତ୍ରୁବୋଲି ଭାବୁ ନଥିଲେ ବରଂ ଲୋକଙ୍କ ହୃଦୟରେ ଥିବା ଭୁଲ କୁ ସୁଧାରିବାର ଉଦ୍ୟମ କରୁଥିଲେ। ସେ ସବୁବେଳେ ତାଙ୍କ କଥା ଓ କାର୍ଯ୍ୟର ଆତ୍ମନିରୀକ୍ଷଣ କରୁଥିଲେ। ଏପରିକି ସେ ଯଦି ଭାବୁଥିଲେ ଯେ ତାଙ୍କ କଥା ଓ କାର୍ଯ୍ୟରେ କିଛି ଭୁଲ ରହି ଯାଇଛି ତେବେ ତାକୁ ସୁଧାରିବା ପାଇଁ ଚେଷ୍ଟା ମଧ୍ୟ କରୁଥିଲେ। ଅନେକ ସମୟରେ ସେ ସର୍ବସାଧାରଣରେ କ୍ଷମା ମାଗିବାର ନିଜର ମଧ୍ୟ ରହିଛି। ଆନ୍ଦୋଳନ କରିବା ଏପରିକି ଆନ୍ଦୋଳନକୁ ବନ୍ଦ କରିବାର ସାହାସ ମଧ୍ୟ ତାଙ୍କର ଥିଲା। ଗାନ୍ଧୀଙ୍କ ମତ ଥିଲା କାହା ଉପରେ ଚାପ ପକାଇବାର ଅର୍ଥ ହେଉଛି ହିଁସାର ଅନ୍ୟଏକ ରୂପ। ଏଇଥିପାଇଁ ଆତ୍ମସୁଧାର ପାଇଁ ସେ ଅନଶନ କରୁଥିଲେ। ଗାନ୍ଧୀଙ୍କ ଅନଶନ ହିଁ ଅନ୍ୟ ମାନଙ୍କୁ ତାଙ୍କ ଆଦର୍ଶର ପଥରେ ଚାଲିବା ପାଇଁ ଏକପ୍ରକାର ସମ୍ମତ କରାଇ ପାରୁଥିଲା। ଏ ପ୍ରସଙ୍ଗରେ ଗାନ୍ଧୀଙ୍କ ସତ୍ୟର ପ୍ରୟୋଗ ପୁସ୍ତକରେ ଅନେକ ବର୍ଣ୍ଣନା ରହିଛି।

ନେଟାଲର ଏକ ଓକିଲ ସଭାରେ ଯେତେବେଳେ ନ୍ୟାୟାଧିଶ ଗାନ୍ଧୀଙ୍କ ପ୍ରବେଶ ଉପରେ ନିଷ୍ପତ୍ତି ଶୁଣାଇଥିଲେ ଏବଂ ତାଙ୍କୁ ପଗଡି କାଢ଼ିବା ପାଇଁ କହିଥିଲେ ସେତେବେଳେ ଗାନ୍ଧୀ ସ୍ୱତଃ ପଗଡି କାଢ଼ିବା ପାଇଁ ରାଜି ହୋଇଯାଇଥିଲେ। କିନ୍ତୁ ଏଥି ପୂର୍ବରୁ ଏକ ଘଟଣାରେ ସେ ଅନେକ ଚାପ ପରେ ମଧ୍ୟ ପଗଡି କାଢ଼ିବା ପାଇଁ ମନାକରି ଦେଇଥିଲେ। ଏ ପ୍ରସଙ୍ଗରେ ତାଙ୍କ ମତ ଥିଲା ନ୍ୟାୟାଳୟରେ କାର୍ଯ୍ୟ କରିବାବେଳେ ନ୍ୟାୟାଳୟର ନିୟମ ପାଳନ କରିବା ଉଚିତ୍ ଏବଂ ପଗଡି ପିନ୍ଧିବା ପାଇଁ ଅନାବଶ୍ୟକ ଦୃଢ଼ତା ତାଙ୍କ ଉଦ୍ଦେଶ୍ୟ ସାଧନରେ ବାଧା ସୃଷ୍ଟି କରିପାରେ। ତାଙ୍କର ଅନେକ ବଂଧୁ ଏହି ବୁଝାବଣା ପାଇଁ ଗାନ୍ଧୀଙ୍କ ଉପରେ ଅସନ୍ତୁଷ୍ଟ ହୋଇଥିଲେ କିନ୍ତୁ ଗାନ୍ଧୀ ତାଙ୍କ କଥାରେ ଦୃଢ଼ଥିଲେ। ଓକିଲାତି ପେଶାରେ ଗାନ୍ଧୀ ତାଙ୍କ ପ୍ରତିପକ୍ଷଙ୍କୁ ମଧ୍ୟ ନ୍ୟାୟଦେବା କଥାକୁ ବିଶ୍ୱାସ କରୁଥିଲେ। ଏଇଥିପାଇଁ ତ ତତ୍କାଳୀନ କଲିକତାରେ 'ଇଂଗ୍ଲିସମେନ'ର ସଂପାଦକ କହିଥିଲେ ଯେ ଗାନ୍ଧୀ ଗୋରାଙ୍କ (ଇଂରେଜୀଙ୍କ) ପକ୍ଷକୁ ମଧ୍ୟ ନିରପେକ୍ଷତାର ସହ ଦେଖୁଥିଲେ। ଏପରିକି ପ୍ରତିପକ୍ଷଙ୍କୁ କିଭଳି ତୁରନ୍ତ ନ୍ୟାୟ ମିଳିବ ସେଥିପାଇଁ ପ୍ରୟାସ କରୁଥିଲେ। ଗାନ୍ଧୀ କୌଣସି ସଂପ୍ରଦାୟ ବା ବ୍ୟକ୍ତିଙ୍କୁ ଘୃଣା କରୁନଥିଲେ ଓ ସେମାନଙ୍କ ଭଲ ଗୁଣକୁ ଶ୍ରଦ୍ଧା କରୁଥିଲେ। ତାଙ୍କ ଆଗରେ ଇଂରେଜ ହୁଅନ୍ତୁ ବା ଭାରତୀୟ ସମସ୍ତେ ସମାନ ଥିଲେ। ଗାନ୍ଧୀ କହୁଥିଲେ ଯେ ବ୍ୟକ୍ତି ତାର ଅଜ୍ଞନତା କାରଣରୁ ଭୁଲ କରିଥାଏ ଏଣୁ ତାର ଅଜ୍ଞାନତା ଦୂର କରିବାର ପ୍ରୟାସ କରାଯିବା ଉଚିତ୍, ତା ଉପରେ ଦ୍ୱେଷ ବା ରାଗ କରିବା ଉଚିତ ନୁହେଁ।

ଗାନ୍ଧୀ ତାଙ୍କ ପାଇଁ କୌଣସି କ୍ଷେତ୍ରରେ ବା କଥାରେ ସୀମା ଧାର୍ଯ୍ୟ କରୁନଥିଲେ। ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ବ୍ୟକ୍ତିର ଆତ୍ମା ଯଦି ପବିତ୍ର ହୋଇଥାଏ ତେବେ ସେ କୌଣସି ଭୁଲ କଲେ ମଧ୍ୟ ସେ ସେକଥାକୁ ବୁଝିପାରେ ଓ ଭୁଲକୁ ସୁଧାରିପାରେ। ଅତଏବ ସେ କାହାରି ଠାରୁ ଦୁରେଇ ଯାଇପାରେ ନାହିଁ। ସତ୍ୟାଗ୍ରହୀ ସହଯୋଗୀ ମାନଙ୍କର ମାନସିକତାକୁ ବୁଝି ଗାନ୍ଧୀ ସେମାନଙ୍କ ପ୍ରତି ଅନୁକୂଳ ମନୋଭାବ ପୋଷଣ କରୁଥିଲେ ଫଳରେ ସେମାନଙ୍କ ସହ ଆଲୋଚନା ମଧ୍ୟ ସହଜ ହୋଇ ଯାଉଥିଲା। ଥରେ ସେ ଯେତେବେଳେ ସତ୍ୟାଗ୍ରହ ପାଇଁ ପୁରାପୁରି ପ୍ରସ୍ତୁତ ହୋଇ ଭାରତରେ ପହଞ୍ଚିଲେ ସେତେବେଳେ ମୁମ୍ବାଇର ତତ୍କାଳୀନ ଗଭର୍ଣ୍ଣର ତାଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଥିଲେ ଏବଂ ଅନୁରୋଧ କରିଥିଲେ ଯେ ଯେତେବେଳେ ସେ (ଗାନ୍ଧୀ) ସରକାରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିବେ ତା ପୂର୍ବରୁ ତାଙ୍କ (ଗଭର୍ଣ୍ଣର) ସହ ଆଲୋଚନା କରିବେ। କିନ୍ତୁ ଗାନ୍ଧୀ ମୁମ୍ବାଇର ଗଭର୍ଣ୍ଣରଙ୍କୁ ଉତ୍ତରରେ କହିଥିଲେ "ଏଭଳି ପ୍ରତିଶୃତି ଦେବା ମୋ ପାଇଁ ଅତି ସହଜ କାରଣ ସତ୍ୟାଗ୍ରହୀ ଭାବେ ମୋର ପ୍ରଥମ କାମ ହେଉଛି କାହାରିକୁ ବିରୋଧ କରିବା ପୂର୍ବରୁ ତାର ମନୋଭାବ ବୁଝିବା ଆବଶ୍ୟକ ଏବଂ ଯେତେଦୂର ପର୍ଯ୍ୟନ୍ତ ସମ୍ଭବ ସେତେଦୂର ପର୍ଯ୍ୟନ୍ତ ଅନୁକୂଳ ହୋଇଯିବା ଆବଶ୍ୟକ।" ଗାନ୍ଧୀଙ୍କର ସତ୍ୟାଗ୍ରହ ପାଇଁ ଏହାଥିଲା ଦିଗ୍‌ଦର୍ଶୀ ସିଦ୍ଧାନ୍ତ।

ଗାନ୍ଧୀଙ୍କ ସତ୍ୟାଗ୍ରହର ଦ୍ୱିତୀୟ ଦିଗ୍‌ଦର୍ଶୀ ସିଦ୍ଧାନ୍ତ ଥିଲା ଯେ ସତ୍ୟକୁ ଛାଡି କିଛି କରିହେବ ନାହିଁ। ସବୁବେଳେ ସେ ଏହି ସିଦ୍ଧାନ୍ତକୁ ମାନି ଚଳୁଥିଲେ ଯେ ତାଙ୍କର ଭୁଲ ବି ହୋଇପାରେ କିନ୍ତୁ ଏ କଥା ଜାଣିବା ପରେ ଯେତେ କଷ୍ଟ ହେଉପା କାହିଁକି ନିଜର ଭୁଲକୁ ସ୍ୱୀକାର କରାଯିବା ଉଚିତ୍। ଗାନ୍ଧୀଙ୍କର ଓ ସତ୍ୟାଗ୍ରହ ଉପରେ ଏତେ ବିଶ୍ୱାସ ଥିଲା ଯେ ଠକିଯିବାର ଭୟ ତାଙ୍କର ନଥିଲା। ଈଶ୍ୱରଙ୍କ ଉପରେ ତାଙ୍କର ପୁରା ଭରଷା ଥିଲା। ଏହା ଥିଲା ଗାନ୍ଧୀଙ୍କ ସତ୍ୟାଗ୍ରହ ଗାନ୍ଧୀ ଶାନ୍ତି ଓ ଅହିଁସା ପଥକୁ ବିଶ୍ୱାସ କରୁଥିଲେ। ଗାନ୍ଧୀ ଶାନ୍ତ ରହି ଅହିଁସା ମାଧ୍ୟମରେ ଭୁଲର ପ୍ରତିକାର କରିଥିଲେ। ଗାନ୍ଧୀ ଆଜିବି ପ୍ରାସଙ୍ଗିକ ପ୍ରେମ ସ୍ନେହ ହୃଦୟରେ ନଥିଲେ ଗାନ୍ଧୀଙ୍କୁ ବୁଝିବେ ନାହିଁ। ଗାନ୍ଧୀଙ୍କୁ ଜାଣିବା ଓ ବୁଝିବା ପାଇଁ ପ୍ରେମର ଶକ୍ତି ଆବଶ୍ୟକ।




+ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪


### ବାପୁ ମହାତ୍ମା

ଧ୍ରୁବ ଚରଣ ଘିବେଲା

ହାତରେ ବାଡ଼ି ଅଣ୍ଟାରେ ଘଡ଼ି
ଆଖିରେ ଥାଏ ଚଷମା
ନୁହଁନ୍ତି ସିଏ ସେ ଆଉ କିଏ
ଜାତିର ପିତା ମହାତ୍ମା।

ପିଲାଦିନର ମୋହନ ସିଏ
ପିଲାଦିନୁ ସତ୍ୟପ୍ରିୟ
ମିଛକୁ ସିଏ ସାରା ଜୀବନ
ଦେଇନ ଥିଲେ ପ୍ରଶ୍ରୟ।

ପାଠପଢ଼ିକି ଓକିଲ ହେଲେ
ଗଲେ ଦେଶ ବିଦେଶ
ଗୋରା ଶାସନ ବିରୁଦ୍ଧେ ଲଢ଼ି
ଦେଖାଇଲେ ସାହସ।

ଦେଲେ ଡାକରା ତୁଣ୍ଡ ନାଗରା
ବାଜିଲା ଦେଶ ସାରା
ସଭିଏଁ ମିଳି କରିଲେ ମେଳି
ଫିରିଙ୍ଗି ହେଲେ ଘାବରା।

ଆନ୍ଦୋଳନର ନିଆଁ ତେଜିଲା
ଫିରିଙ୍ଗି ଫେର ବେଗି
ମହାତ୍ମାଙ୍କର ଅହିଂସା ବଳ
ଜାଣିଗଲେ ଫିରିଙ୍ଗି।

ବୁଝିଲେ ଗୋରା ଶାସକ ଦଳ
ଆଉ ନୁହେଁ ଶାସନ
କଲେ ମନସ୍ଥ ଦେବେ ସ୍ୱଓୟତ୍ତ
ଆମ ହାତେ ଶାସନ।

ଦେଶକୁ ଆମ ସ୍ୱାଧୀନ କରି
ଫିରିଙ୍ଗି ଫେରିଗଲେ
ବାପୁ ମହାତ୍ମା ଦେଶବାସୀଙ୍କ
ହୃଦୟ ଜିଣି ନେଲେ।

ମରି ଅମର ବାପୁ ଆମର
ରଚିଗଲେ କାହାଣୀ
ସାରା ବିଶ୍ୱକୁ ସେ ଦେଇଗଲେ
ସତ୍ୟ ଅହିଂସା ବାଣୀ।


+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬


### ମହାତ୍ମାଗାନ୍ଧୀ

ରମାକାନ୍ତ ଦାସ

ହେ ମହାତ୍ମା ତୁମେ ମହାତ୍ମାରେ ତୁମ
ସ୍ୱାଧୀନ ଆଜି ଏ ଜଗତ
ଜାତିର ପିତା ସାଜିଲ ତୁମେ
ସାଜିଲ ଦେଶର ରକ୍ଷକ।

କେବେ ଆନ୍ଦୋଳନ
କେବେ ସତ୍ୟାଗ୍ରହ
କେବେ ଚାବୁକ ପ୍ରହାର
ଭାରତ ବାସୀଙ୍କ ପାଇଁ ତମେ ଥିଲ
ଜଣେ ମହାନ ବୀର ।

ଭାରତ ବାସୀଙ୍କୁ ଏକାଠି କରି
କରୁଥିଲ ସତ୍ୟାଗ୍ରହ
ପରାଧୀନ ଅନ୍ଧାରେ
ସ୍ୱାଧୀନତା ଶିଖା ସାଜି
ପୋଛୁଥିଲ ଆଖିର ଲୁହ ।

ବନ୍ଧୁକ ଆଗରେ ନୁଆଁଇ ଥିଲ ମଥା

ମନରେ ରଖି ସାହାସ
ଭାରତ ବାସୀଙ୍କ ମନରେ
ଭରୁଥିଲ ବିଶ୍ୱାସ ।

ସବୁ ଦୁଃଖ, ସବୁ କଷ୍ଟ ଓ
ଚାବୁକ ପ୍ରହାର ସହି
ଅହିଂସା ବଳରେ ସ୍ୱାଧୀନତା ଦେଲ
ଇଂରେଜ ଗଲେ ପଳେଇ ।

ତୁମ ତ୍ୟାଗ ଓ ତୁମ ବଳିଦାନ
ସବୁଠାରୁ ମହାନ
ସ୍ୱଦେଶ ସେବାରେ ବାଜି ଲଗାଉଥିଲ
ନିଜର ଜୀବନ ।

ସବୁ ଦୁଃଖ ଓ ସବୁ କଷ୍ଟ ସହି
ଦେଶକୁ କରିଲ ସ୍ୱାଧୀନତା
ଇତିହାସେ ତୁମ ନା ରଖିଦେଲ
ସାଜିଲ ଜାତିର ପିତା ।

ତୁମ ଜୀବନୀ ଓ ତୁମ ବଳିଦାନ
ରହିଗଲା ଇତିହାସ ପୃଷ୍ଠାରେ
ଚିରଦିନ ପାଇଁ ଅମର ରହିଲ
ଭାରତୀୟଙ୍କ ମନରେ ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା, ୦୧/୧୦ (ନି.ପ୍ର): ଆଶ୍ରମର କୋଷାଅକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀପଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀଙ୍କ ସୁପୁତ୍ର, ମୁନି ଶାନ୍ତନୁମିସ୍ତ୍ରୀ-ମୁନିମତୀ ମୋନାଲିସା ମିସ୍ତ୍ରୀଙ୍କ ସୁପୁତ୍ର ଆୟୁଷ୍ମାନ ମୁନି କୁମାର ତ୍ରିଶାନ୍ ର ଷଷ୍ଠ ଶୁଭ ଜନ୍ମଦିନ, ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନି ଜୀଙ୍କ ସଭାପତିତ୍ୱରେ, ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ହିସାବ ରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ,ଓ ମଞ୍ଚାସୀନଥିଲେ, ମୁନ୍ଦିରାଜ ଆମୂଲ୍ୟ ମୁନି, ଆଶ୍ରମର ବରିଷ୍ଠ ଯୋଗସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ ମୁନି, ଯୋଗୀ ଭିକାରୀ ଚରଣମୁନି, ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ପ୍ରମୁଖ।ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ମୁନି କୁମାର ତ୍ରିଶାନ୍ ଙ୍କୁ ତାଙ୍କର ଦୀର୍ଘ୍ୟ ନିରୋଗ ନିରାମୟ ଆନନ୍ଦମୟ, ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ମୁନି ପରିବାରର ପିଲା ସଂସ୍କାରିତ ହୋଇ ନିଶ୍ଚୟ ଦିନେ ଆଦର୍ଶ ମଣିଷଟିଏ ହେବ ବୋଲି ସମସ୍ତ ଭକ୍‌ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉପସ୍ଥିତ ଥିଲେ, ଆଶ୍ରମର ଉପାଧକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ବିମଳାଲେଙ୍କା, ବାସନ୍ତୀ ମହାଳିକ, ଶକୁନ୍ତଳା ପରିଡା, ମୁନିମତୀ ପୂର୍ଣ୍ଣିମା ବର, ଜୟନ୍ତୀ ଗିରି, ଜାହ୍ନବୀ ଗିରି, ଜମୁନା ବର, ଫୁଲ ମଣୀ ବେହେରା, ପଦ୍ମାବତୀ ସିଂ, ସିନ୍ଧୁ ସିଂ, ସୁଷମା ପରିଡା, ନିନ ସାହୁ, ସୁମତୀ ଦେହେରା, କୈକେଇ ଜେନା, ବାସନ୍ତୀ ପରିଡା, ମୁନି ସୁଦର୍ଶନ ବର, ହୃଷିକେଶ ପରିଡା, ଯୋଗେନ୍ଦ୍ର ଦେହର।, ମୁନି କୁମାରୀ ମିନତୀ ଦଳାଇ ଏବଂ ମୁନି କୁମାର ତାପସ୍ ପ୍ରମୁଖ। ଶେଷରେ ଜେଜେ ଯୋଗୀ ଭିକାରୀ ଚରଣ ମିସ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ସୋର କୋର୍ଟ ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ସୋର , ୦୧/୧୦ (ନି.ପ୍ର): ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ଓ ଏହାର ଆଇନ୍ ସମ୍ପର୍କିତ ନ୍ୟାୟ ଓ ସୁରକ୍ଷା ସମ୍ବନ୍ଧୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ କେଦାରପୁରସ୍ଥିତ ମଧୁସୂଦନ ସଂସ୍କୃତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋର କୋର୍ଟର ସିନିୟର ସିଭିଲ ଜଜ, ଆସିଷ୍ଟାଣ୍ଟ ସେସନସ ଜଜ ତଥା ସୋର ତାଲୁକ ଆଇନ ସହାୟତା କମିଟିର ଚେୟାରମ୍ୟାନ ଶିଲା ପ୍ରିୟଦର୍ଶନୀ ପଣ୍ଡା ସେଠାରେ ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କର ପାରିବାରିକ ଓ ସାମାଜିକ ସୁରକ୍ଷା, ମାନସିକ ସ୍ଥିତିର ସନ୍ତୁଳନ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସୋର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାସ, ଆଇନଜୀବୀ ଚିତ୍ତରଞ୍ଜନ ମହାପାତ୍ର ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାରର ଆଇନ୍ ଓ ଯୋଜନା ସମ୍ବନ୍ଧରେ ସବିଶେଷ ଆଲୋକପାତ କରିଥିଲେ । ଲିଗାଲ ଏଡ ରିଟେନର ଆଇନଜୀବୀ ଧିରେନ୍ଦ୍ର କୁମାର ଦାସ ବିଭିନ୍ନ ପ୍ରକାରର ବିନାମୂଲ୍ୟ ଆଇନ ସହାୟତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ କାହ୍ନୁ ଚରଣ ବେହେରା ପରିଚାଳନା କରିବା ସହ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲିଗାଲ ଏଡ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଂଜନ ବାରିକ, ସ୍ୱେଚ୍ଛାସେବୀ ସୁଶାନ୍ତ କୁମାର ଦାସ, ସ୍ମିନିମଇ ଅରଖ, ଶଶିକାନ୍ତ କର, ସନତ କୁମାର ପାତ୍ର, ଦେବାଶିଷ ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ଶେଷ କରିଥିଲେ।

# ଭାରତୀୟ ମୁକ୍ତି ସଂଗ୍ରାମର...

ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ।

୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲେରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି "ଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକ"। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣା କଟା ଚାଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜ୍ବିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର। କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତା ରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଚାରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦୀନ ପାଇଁ ଧରା ପୃଷ୍ଠରେ ଅମର ହୋଇରହିଗଲେ।

+ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି, ପାରାଦ୍ୱୀପଗଡ଼,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ନିଅଣ୍ଟିଆ ବର୍ଷା...

ତାପମାତ୍ରା ରାଜ୍ୟରେ ବୃଦ୍ଧି ପାଇବ । ୩୮ ଡିଗ୍ରୀ ତାପମାତ୍ରା ଛୁଇଁପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ସେପଟେ ଗତ ୨୪ ଘଣ୍ଟାରେ କାଁଭାଁ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ କୋରାପୁଟ ଜୟପୁରରେ ସର୍ବାଧିକ ୬୦.୨ ମିମି ବର୍ଷା ରେକର୍ଡ କରାଯାଇଛି । ସେପଟେ ଅକ୍ଟୋବର ୬ରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ଜଣାପଡ଼ିଛି । ଫଳରେ ୪ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ୪ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ । ତେବେ ଆଜି ୯ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିଭଳି ଜୁନ ୧ରୁ ଏବେ ସୁଦ୍ଧା ୧୦୯୨ ମିଲିମିଟର ବର୍ଷା ହେଇଛି । ସାଧାରଣ ଭାବେ ଏହି ସମୟ ମଧ୍ୟରେ ୧୧୫୦ ମିଲିମିଟର ବର୍ଷା ହୋଇଥାଏ । ଫଳରେ ଏବେ ବି ରାଜ୍ୟରେ ୫ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ ହୋଇଛି ।

### ଶ୍ରୀମନ୍ଦିର ରୋଷରେ...

ଶ୍ରୀମନ୍ଦିରର ଯୁଗ ଯୁଗର ପରମ୍ପରା । ରୋଷଶାଳାରେ ମାଟି କୁଡୁଆରେ ରନ୍ଧନ ହେଉଥିଲା କିନ୍ତୁ ଏବେ ପଶିଛି ଲୁହା କଡେଇ । ଲୁହା କଡେଇରେ ମହାପ୍ରସାଦ ରନ୍ଧନ ନେଇ ବିବାଦ ସୃଷ୍ଟି ହୋଇଛି । ପରମ୍ପରା ବିରୋଧ ନେଇ ଅଭିଯୋଗ ଆସିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିର୍ଦ୍ଦେଶ ଦେଇଥିଲେ । ତେବେ ରୋଷଘର ପରଖିବା ପାଇଁ ପାଟଯୋଶୀ ମହାପାତ୍ର, ତଳିଛ ମହାପାତ୍ର ଓ ଦେଉଳକରଣଙ୍କୁ କୁହାଯାଇଥିଲା । ଶ୍ରୀମନ୍ଦିର ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ଆବଶ୍ୟକ । ଲୁହା କଡେଇରେ ମହାପ୍ରସାଦ ରନ୍ଧନ ପରମ୍ପରା ବିରୋଧୀ କିନ୍ତୁ କରୋନା ସମୟରେ କୁଡୁଆ ଅଭାବ ଯୋଗୁଁ କିଛି ସୁଆର ମହାସୁଆର ସେବକ ଲୁହା କଡେଇରେ ଅନ୍ନ ମହାପ୍ରସାଦ ରନ୍ଧନ କରୁଥିଲେ । ତେବେ ଲୁହା କଡେଇରେ ରାନ୍ଧିବାକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ବାରଣ କରାଯାଇଛି ।

### ମୋଦିଙ୍କ ଫୋକସ୍‌ରେ ଓଡ଼ିଶା: ଗାନ୍ଧୀ...

ହଜାର ଗ୍ରାମର ୫ କୋଟି ଆଦିବାସୀଙ୍କ ବିକାଶ ପାଇଁ କାର୍ଯ୍ୟ କରିବ ଏହି ଯୋଜନା। ଜନଜାତି ବର୍ଗଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସଶକ୍ତିକରଣ, ଉନ୍ନତ ଜୀବନ ଶୈଳୀ ଦିଗରେ ନୂଆ ସୂର୍ଯ୍ୟୋଦୟ ଆଣିବା ଯୋଜନାର ଲକ୍ଷ୍ୟ। ଏଥିପାଇଁ କେନ୍ଦ୍ର ସରକାରଙ୍କ ୨୫ଟି ମନ୍ତ୍ରଣାୟ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି। ସେହିପରି ଆସନ୍ତା ଅକ୍ଟୋବର ୫ରେ ଚାଷୀଙ୍କୁ ମିଳିବ ପିଏମ୍ କିଷାନ ଟଙ୍କା। ମହାରାଷ୍ଟ୍ରରୁ ପ୍ରଧାନମନ୍ତ୍ରୀ ମୋଦି ଚାଷୀଙ୍କ ଆକାଉଣ୍ଟକୁ ପଠାଇବେ ଯୋଜନାର ୧୮ ତମ କିସ୍ତି। ୯ କୋଟି ୫୦ ଲକ୍ଷ ଚାଷୀଙ୍କ ଖାତାକୁ ପଠାଯିବ ମୋଟ ୨୦ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା। ପୂର୍ବରୁ ଜୁନ ୧୮ ତାରିଖରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ଏବେ ପର୍ଯ୍ୟନ୍ତ ଚାଷୀଙ୍କ ଖାତାରେ ୧୭ଟି କିସ୍ତି ପଠାଯାଇସାରିଲାଣି । ସରକାର ପ୍ରତି ଚାରି ମାସ ବ୍ୟବଧାନରେ ଚାଷୀଙ୍କ ଖାତାରେ ୨ ହଜାର ୨ହଜାର ଟଙ୍କା ପଠାଯାଏ।

### ୬ରେ ଲଘୁଚାପ...

ତେବେ ଆଜି ୯ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିଭଳି ଜୁନ ୧ରୁ ଏବେ ସୁଧା ୧୦୯୨ ମିଲିମିଟର ବର୍ଷା ହେଇଛି। ସାଧାରଣ ଭାବେ ଏହି ସମୟ ମଧ୍ୟରେ ୧୧୫୦ ମିଲିମିଟର ବର୍ଷା ହୋଇଥାଏ । ଫଳରେ ଏବେ ବି ରାଜ୍ୟରେ ୫ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ ହୋଇଛି। ତେବେ ଲଘୁଚାପ ସମୟରେ ଦୁର୍ଗାପୂଜା ପଡୁଥିବାରୁ ପାର୍ବଣକୁ ବର୍ଷା ଫିକା କରିପାରେ ବୋଲି କୁହାଯାଉଛି । ୯ ତାରିଖରେ ମଣ୍ଡପରେ ଦେବୀ ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ରହିଛି । ଆଉ ବର୍ଷା ଲାଗି ରହିଲେ ପାର୍ବଣ ଫିକା ପଡ଼ିବା ଆଶଙ୍କା ରହିଛି । ଅନ୍ୟପଟେ ଟ୍ରଫ ଲାଇନ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି ବର୍ଷା ।

# ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



ଜଳେଶ୍ୱର, ୦୧/୧୦ (ନି.ପ୍ର): ସୂଚନାମୁତାବକ ଜଳେଶ୍ୱର ବ୍ଲକ ରାଇବଣିଆ ପଂଚାୟତ ରାୟବଳୀୟାର ସିଂହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସକାଳ ୧୦ଘଟିକା ସମୟରେ ରାଇବଣିଆ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସୁରଭି ୨୦୨୪ଅନୁଷ୍ଠିତ ହେଇଯାଇଛି । ମୁଖ୍ୟଅତିଥି ଅବସରପ୍ରାପ୍ତ ବିଇଓ ଲଲାଟେନ୍ଦୁ କେଶରୀ ଜେନା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ୧୯ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଗୀତ, ଲୋକନୃତ୍ୟ, ପ୍ରବନ୍ଧ, ବିତର୍କ, କୁଇଜ, ସୃଜନଶୀଳନ ଲିଖନ, ଗଣିତ ଦୌଡ଼, ଗଳ୍ପ ଲିଖନ, ପିଏମ ପୋଷଣ, ଓଡ଼ିଆ ହସ୍ତାକ୍ଷରରେ ପ୍ରଥମ ରୁ ଦଶମ ଶ୍ରେଣୀର ଛାତଛାତ୍ରୀ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହେଇଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ ବେହେରା ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ସଦର ସିଆରସିସି ଅଜିତ ପାତ୍ର,ସାମ୍ବାଦିକ ଆଲୋକ ଚନ୍ଦ୍ର ଘଡେଇ, ବିଶ୍ୱନାଥ ଘୋଷ, ନମିତା ବେହେରା, ଉମାକାନ୍ତ ଦାସ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ଥାନୀୟ ସିଆରସିସି ନିବେଦିତା ନାୟକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଅଜୟ କୁମାର ଦାଶ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ଚନ୍ଦନ କୁମାର ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନେ ମୋମେଣ୍ଟ ଦେଇ ପୁରସ୍କୃତ କରିଥିଲେ ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ: ୪୩ ୟୁନିଟ ରକ୍ତ ସଂଗୃହୀତ

ବାରିପଦା, ୦୧/୧୦ (ନି.ପ୍ର): ଜାତୀୟ ରକ୍ତଦାନ ଦିବସ ଅବସରରେ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ବ୍ଲଡ଼ ବ୍ୟାଙ୍କ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମାନ୍ୟବର ବିଧାୟକ, ବାରିପଦା ଶ୍ରୀ ପ୍ରକାଶ ଚନ୍ଦ୍ର ସୋରେନ ଉଦ୍ଘାଟନ କରିଥିଲେ। ସୂଚନ ଥାଉକି ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ କୁମାର ଦାଶ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ର ସୁପରିଟେଣ୍ଡେଣ୍ଟ ଡଃ ରବୀନ୍ଦ୍ର କୁମାର ମିଶ୍ର, ଅତିରିକ୍ତ ଚିକିତ୍ସାଧିକାରୀ ଡଃ ସୁନନ୍ଦା ମିଶ୍ର, ବରିଷ୍ଠ ଚିକିତ୍ସକ ଡଃ ପ୍ରଣବ ଶଙ୍କର ଦାଶ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଂଯୋଜନା ଏବଂ ସଂଚାଳନା, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ କରିଥିବା ବେଳେ ପୁଣ୍ଡରୀକାକ୍ଷ୍ୟ ଦାସ , ପାର୍ଥ ସାରଥୀ ମହନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୪ ଅନୁଷ୍ଠିତ




ବାଲେଶ୍ୱର, ୦୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୪ ପାଳନ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶ୍ରୀ ବୈଦ୍ୟନାଥ ଷଡ଼ଙ୍ଗୀ, ଉପଦେଷ୍ଟା ଶ୍ରୀ ଗିରୀଶ ଚନ୍ଦ୍ର ଦାସ, ଉପସଭାପତି ଶ୍ରୀ ଅନ୍ତର୍ଯ୍ୟାମୀ ପ୍ରଧାନ, ସାଧାରଣ ସମ୍ପାଦକ, ଶ୍ରୀ ଦାମୋଦର ନାୟକ ଓ ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କମଳାକାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଯଥା ସାମାଜିକ ସୁରକ୍ଷା ନିମନ୍ତେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏଥି ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଯୋଜନାଗୁଡ଼ିକ ସହଜରେ ଯେପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ତତ୍ପର ରହିଛି ବୋଲି ମଞ୍ଚାସୀନ ଅତିଥିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ସଭାରେ ଅତିଥିଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ମୁଖପତ୍ର 'ସାୟାହ୍ନ ର ଉନ୍ମୋଚନ କରାଯିବା ସହିତ ଜିଲ୍ଲାର ୮ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପୁଷ୍ପଲତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ, ରାଣୀପାଟଣା ଏବଂ ସ୍ୱତନ୍ତ୍ର ବିଦ୍ୟାଳୟ, ମିଶନ କମ୍ପାଉଣ୍ଡର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରକାଶ ଥାଉକି, ଏହି ଦିବସରେ ଗାନ୍ଧୀ ସ୍ମୃତି ଭବନ ପରିସରରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ସାହାଣୀ କପ - ୨୦୨୪

## ୬ଷ୍ଠ ଦିନରେ ଢେଙ୍କାନାଳ ଓ ଯାଜପୁର ବିଜୟୀ

ବାରିପଦା , ୦୧/୧୦ (ନି.ପ୍ର): ବାରିପଦା ଷ୍ଟାଡିୟମ ପଡିଆରେ ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଓ ଓଡିଶା ଫୁଟବଲ ଏସୋସିଏସନର ସହଯୋଗୀତାରେ ଅନୁଷ୍ଠିତ ସାହାଣୀ କପ - ୨୦୨୪ ର ୬ଷ୍ଠ ଦିନର ୧ମ ମ୍ୟାଚରେ ଢେଙ୍କାନାଳ ୫-୧ ଗୋଲରେ ବାଲେଶ୍ୱରକୁ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି ଓ ଢେଙ୍କାନାଳର ପ୍ରଶାନ୍ତ ବାରି ୧୭ ଓ ୩୨ ମିନିଟରେ, ଅନିଲ ସ୍ୱାଇଁ ୧୯ ଓ ୭୦ ମିନିଟରେ ଏବଂ ସରୋଜ ବିଶ୍ୱାଳ ୮୦ ମିନିଟରେ ଗୋଲ କରିଥିବା ବେଳେ ବାଲେଶ୍ୱରର ମଧୁ ସୋରେନ ୩୯ ମିନିଟରେ ଏକ ମାତ୍ର ଗୋଲ କରିଥିଲେ ଓ ଢେଙ୍କାନାଳର ପ୍ରଶାନ୍ତ ବାରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମହେଶ ଦାସ ସ୍ମୃତି ସମ୍ମାନରେ ୨ ହଜାର ଟଙ୍କା ପ୍ରତ୍ସାହନ ରାଶି ଓ ଉପଢୌକନ ଦ୍ୱାରା ସମ୍ମାନିତ ହୋଇଥିଲେ ଓ ଲକ୍ଷ୍ମଣ ସେଠ, ସୁଜିତ ରାଜହଂସ, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ବାପୁନ କୁମାର ମହାନ୍ତ ଖେଳ ପରିଚାଳନା କରିଥିଲେ ଓ ବରିଷ୍ଠ ଖେଳାଳି ସେଙ୍ଗେଲ ସିଂ ସୋରେନ, ଫାଓର ଉପ ସଭାପତି ପଦ୍ମଲୋଚନ ଲେଙ୍କା ଓ ପୂର୍ବତନ ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ୨ୟ ମ୍ୟାଚରେ ଯାଜପୁର ୨-୧ ଗୋଲରେ ଦେବଗଡ଼କୁ ପରାସ୍ତ କରିଥିଲା ଓ ଯାଜପୁରର ସାଲାଇ ଟୁଡୁ ୩୬ ଓ ୬୧ ମିନିଟରେ ଏବଂ ଦେବଗଡ଼ର ବିଭୁତି କିସାନ ୪୦ ମିନିଟରେ ଗୋଲ କରିଥିଲେ ଓ ଯାଜପୁରର ସାଲାଇ ଟୁଡୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ଓ ଶେଖାବତ ଖାନ, ବିବେକ କୁମାର ନାଏକ, ସନ୍ତୋଷ କୁମାର ମହାକୁଡ଼ ଓ ଅନନ୍ତ ଚାତାର ଖେଳ ପରିଚାଳନା କରିଥିବା ବେଳେ ଶିବ ଶଙ୍କର ପଣ୍ଡା ଓ ସୁଭଦ୍ରା ହେମ୍ବ୍ରମ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ ଓ ଅର୍ଜୁନ ହାଁସଦା ଧାରବିବାରଣୀ ପ୍ରଦାନ କରିଥିଲେ ଓ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଶିଷ୍ଟ ଶିଳ୍ପପତି ହୃଷିକେଶ ମହାପାତ୍ର ଓ ପୂର୍ବତନ ବାଙ୍ଗିରିପୋଷି ଅଧ୍ୟକ୍ଷ ସୁବୋଧ କୁମାର ମାର୍ଣ୍ଡି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ କ୍ରୀଡା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, କୋଷାଧ୍ୟକ୍ଷ ଅମିତାଭ ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ଓ ପାର୍ଥ ସାରଥୀ ସ୍ୱାଇଁ ଉପସ୍ଥିତ ଥିଲେ ଓ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା ୨ ତାରିଖ ଦିନ ଅପରାହ୍ନ ୩ ଟା ରେ ମୟୁରଭଞ୍ଜ ଓ ଢେଙ୍କାନାଳ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ଅମୃତଧାରା ବୃଦ୍ଧାଶ୍ରମରେ ଯୋଗ ଶିବିର



ବାଲେଶ୍ୱର, ୦୧/୧୦ (ନି.ପ୍ର): ଆନ୍ତର୍ଜାତିକ ବୟସ୍କ ନାଗରିକ ଦିବସ ଅକ୍ଟୋବର ୧ ତାରିଖ ଅବସରରେ ବାଲେଶ୍ୱର ସହର ସ୍ଥିତ ସହଦେବଖୁଣ୍ଟା ଚାନ୍ଦମାରୀରେ ଅବସ୍ଥିତ ଅମୃତଧାରା ବୃଦ୍ଧାଶ୍ରମରେ ଏକ ଯୋଗ ଶିବିର, ମା' ଲଳିତେଶ୍ୱରୀ କାଳୀ ମନ୍ଦିର ଯୋଗ କେନ୍ଦ୍ର ତରଫରୁ ଅନୁଷଠିତ ହୋଇଥିଲା । ଏଥିରେ ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ଯୋଗ ପ୍ରାଣାୟମ ଶିକ୍ଷା ସହିତ ଶେଷ ସମୟରେ ଭଗବାନଙ୍କ ନାମ ଜପ କରିବା ପାଇଁ ସହଜ ଶିକ୍ଷା ପ୍ରଦାନ କରାଯାଇଥିଲା। ସେମାନଙ୍କ ପାଇଁ ରାତ୍ରି ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହି ଅବସରେ ଯୋଗ କେନ୍ଦ୍ରର ଯୋଗ ଗୁରୁ ସୁଜିତ କୁମାର ଜେନା ଯୋଗ ଶିକ୍ଷା ପ୍ରଦାନ କରିଥିଲେ । କେନ୍ଦ୍ରର ସଭାପତି ପ୍ର: ଜୟସ୍ମିତା ନାୟକ ଉପ ସଭାପତି ଶ୍ରୀମତୀ ରୀତା ରାଉତ ସମେତ ଶ୍ରୀମତୀ ଜ୍ୟୋତ୍ସ୍ନାଲତା ଜେନା, ସୁଜାତା ପଣ୍ଡା, ହରପ୍ରିୟା ରଣା, ମୀନା ସେଠୀ, ଲୁନା ପତି, ବ୍ୟାସଦେବ ରାଉତ, ସଞ୍ଜୟ ସେନାପତି, ମୋନାଲିସା ସେନାପତି, ରାଧାକାନ୍ତ ଦାସ, ମୀନତି ଦାସ ଓ ଶଶୀକାନ୍ତ ମହାନ୍ତି ପ୍ରଭୃତି ଅନ୍ତେବାସୀ ମାନଙ୍କ ସହିତ ଅନ୍ତରଙ୍ଗ ଆଳାପ ଆଲୋଚନା ମାଧ୍ୟମରେ ସେମାନଙ୍କର ମାନସିକ ଅବସ୍ଥାର ପରିବର୍ତନ ପାଇଁ ଯୋଗର ଆବଶ୍ୟକତାକୁ ବୁଝାଇଥିଲେ । ବୃଦ୍ଧାଶ୍ରମର ସହାୟକ ପ୍ରଭାତ ବାବୁ ଓ ଅନ୍ୟମାନେ ସହଯୋଗ କରିଥିଲେ ।

ବୁଧବାର, ୦୨ ଅକ୍ଟୋବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୧୯ କ୍ରୀଡ଼ାବିତ ସାମିଲ

ବାରିପଦା, ୦୧/୧୦ (ନି.ପ୍ର): ରାଜ୍ୟସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଚଳିତ ଅକ୍ଟୋବର ମାସ ୨ ରୁ ୫ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ଅନ୍ତର୍ଗତ ଜିଲ୍ଲା ହାଇସ୍କୁଲ ଠାରେ ଅନୁଷ୍ଠିତ ହେଉଅଛି । ଏହି ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ବାଳକ ଟିମ ମ୍ୟାନେଜର ଭାବେ ଗୋରୁମହିଷାଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ରାମ ନାରାୟଣ ପାଣ୍ଡେ ଏବଂ ବାଳିକା ଟିମ ମ୍ୟାନେଜର ଭାବେ ସାକୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ର ପିଇଟି ପ୍ରୀତି ନାଏକ ଙ୍କ ନେତୃତ୍ୱ ରେ ୧୯ ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗରେ ରାଜେନ୍ଦ୍ର ସିଂ, ଚନ୍ଦ୍ରଭାନୁ ବେହେରା, ଜ୍ୟୋତିପ୍ରକାଶ ଗିରି, ବିଶାଲ ମହାନ୍ତ ଓ ବାଳିକା ବିଭାଗ ରେ ମାମୁନି ମାରାଣ୍ଡି, ଦୀପାଲି ସିଂ,ଜସ୍ମିତା ହାଁସଦା, ଦୀପା ମୁର୍ମୁ,ଶ୍ରୀୟା ସିଂ । ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ଅଙ୍କିତ ପ୍ରଧାନ, ରୋହନ ଶିଖର, ଦେବାଶିଷ ବେହେରା, ଶୁଭମ ବେହେରା, ଖ୍ୟାତି ରଞ୍ଜନ ମହାପାତ୍ର ଓ ବାଳିକା ବିଭାଗରେ ଶ୍ୱେତାଙ୍ଗୀ ହୋତା, ମାନସୀ ହୋତା, ମମତା ମୁର୍ମୁ, ପ୍ରଜ୍ଞାପରିମିତା ସିଂ, ଲକ୍ଷ୍ମିପ୍ରିୟା ଗିରି । ଜିଲ୍ଲା ଶିକ୍ଷା କାର୍ଯାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଅଛି ।




# ବ୍ଲକସ୍ତରୀୟ ନିପୁଣ ଓଡିଶାର ଶୁଭ ଉନ୍ମୋଚନ



କପ୍ତିପଦା, ୦୧/୧୦ (ନି.ପ୍ର): କପ୍ତିପଦା ବ୍ଲକସ୍ତରୀୟ ନିପୁଣ ଓଡିଶାର ଶୁଭଉନ୍ମୋଚନ କାର୍ଯ୍ୟକ୍ରମ ଝୀଙ୍କପଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡଗାଁସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର ଯୋଗଦେଇ ଏହାକୁ ଶୁଭ ଉନ୍ମୋଚନ କରିଛନ୍ତି । ନିପୁଣ ଓଡିଶାର ଲଗୋ ଓ ଗୀତର ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମ ପ୍ରୋଜେକ୍ଟର ମାଧ୍ୟମରେ ସମାପନ କରାଯାଇଥିଲା । ପ୍ରତ୍ୟେକ ଶିକ୍ଷାର୍ଥୀ କିଭଳି ଶିକ୍ଷଣରେ ଦକ୍ଷ ହେବେ ତଥା ୧ମ,୨ୟ ଓ ୩ୟ ଶ୍ରେଣୀର ପିଲାମାନେ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନରେ ଶ୍ରେଣୀଓାରୀ ଦକ୍ଷତା ହାସଲ କରିପାରିବେ ସେ ସଂପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମିଶ୍ର ଆଲୋଚନା କରିଥିଲେ । ସଭାପତିଭାବେ ଗୋଷ୍ଠୀ ସମ୍ବଳ ସାଧକ ଘନଶ୍ୟାମ ସିଂ ଯୋଗଦେଇ ନିପୁଣ ଓଡିଶାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପଞ୍ଚସୂତ୍ର ସଂପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସମ୍ବଳ ସାଧକ ସନ୍ତୋଷ କୁମାର ସାହୁ ଶିକ୍ଷାକୁ ସାମଗ୍ରିକ ସମନ୍ୱିତ, ଅନ୍ତର୍ନିବେଶୀ ଉପଭୋଗ୍ୟ କରିବା ସହ ଶିକ୍ଷାର୍ଥୀ ସଂପୃକ୍ତକୁ ନିଶ୍ଚିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ସାନଶିମୁଳିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁପ୍ରଭା ସାହୁ ଓ କପ୍ତିପଦା କେଜିବିଭିର ଶିକ୍ଷକ ପ୍ରଶାନ୍ତ ବାବୁଙ୍କ ତ୍ତ୍ୱାବଧାନରେ ଶିକ୍ଷଣ ସାମଗ୍ରୀ ମେଳା ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମକୁ ସମସ୍ତ ସିଆରସିସି ଓ ଅନେକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିଆରସିସି ବେଣୁଧର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ।

# ପୀତାମ୍ବର ଦାସଙ୍କ ପୁସ୍ତକ 'ଭାବନାର ପରିପ୍ରକାଶ' ଓ ଶିଶୁ ପତ୍ରିକା 'କିଚିରିମିଚିରି' ଉନ୍ମୋଚିତ




ବାଲେଶ୍ୱର, ୦୧/୧୦ (ନି.ପ୍ର): ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ପୀତାମ୍ବର ଦାସଙ୍କ ପ୍ରବନ୍ଧ ପୁସ୍ତକ ଭାବନାର ପରିପ୍ରକାଶ ଓ ଶିଶୁ ପତ୍ରିକା କିଚିରିମିଚିରିର ଶୁଭ ଉନ୍ମୋଚନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସହିତ୍ୟିକ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆହ୍ୱାନ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପୁଷ୍ପ ଓ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପରେ ଅମୃତାଂଶୁ ପଟ୍ଟନାୟକଙ୍କ ଦ୍ୱାରା ଲେଖକ ପିତାମ୍ବର ଦାସଙ୍କ ରଚିତ ସ୍ୱାଗତଗୀତି ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଡାକ୍ତର ପ୍ରଭାତ ଚୌଧୁରୀ, ମୁଖ୍ୟ ଅତିଥିଭାବେ ଡ. ରାଧାରଂଜନ ପଟ୍ଟନାୟକ, ମୁଖ୍ୟବକ୍ତାଭାବେ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥିଭାବେ ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଡାକ୍ତର କୁମାର ବାବୁଲି ଓ ସମୀକ୍ଷକ ଭାବେ ଡ. ଭାଗବତ ପ୍ରସାଦ ଯୋଗଦାନ କରିଥିଲେ। ବକ୍ତାମାନେ ନିଜ ଭାଷଣରେ ପିତାମ୍ବର ଦାସଙ୍କ ଲିଖିତ ୨ଟି ପୁସ୍ତକକୁ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ସେମାନେ କହିଥିଲେ ଯେ ପିତାମ୍ବର ବାବୁ ସମାଜର ବିଭିନ୍ନ ଦିଗକୁ ଓ ସମାଜରେ ସବୁପ୍ରକାର ଘଟଣା ଓ ଅଘଟଣକୁ ଅତି ସୁନ୍ଦର ଭାବେ ଏହି ପୁସ୍ତକରେ ସ୍ଥାନିତ କରିଛନ୍ତି। ଏହା ଖୁବ୍ ହୃଦୟସ୍ପର୍ଶୀ ଓ ପାଠକମାନଙ୍କର ମନକୁ ଛୁଇଁ ପାରିବ। ସେହିପରି ଶିଶୁ ପତ୍ରିକା କିଚିରିମିଚିରି ପିଲାମାନଙ୍କର ମନସ୍ତତ୍ତ୍ୱ ଓ ସେମାନଙ୍କର ଜ୍ଞାନ ସମ୍ପର୍କରେ ବହୁବିଧ କବିତା ସେ ଏଥିରେ ରଚନା କରିଛନ୍ତି ଯାହାକି ଭବିଷ୍ୟତ ପାଇଁ ପିଲାମାନଙ୍କୁ ବତିଘର ସଦୃଶ ଆଲୋକ ଦେଖାଇବା ସହ ବହୁ ସଂସ୍କାର ଆଣିବାରେ ସାହାଯ୍ୟ କରିବ। ଶେଷରେ ଝରଣା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଟାଙ୍ଗୀ ବ୍ଲକରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୦୧/୧୦ (ନି.ପ୍ର): ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୧୫୬ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୪୭ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୭ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଜଣେ ହିତାଧିକାରୀଙ୍କୁ୧୦,୦୦୦/- ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିବାବେଳେ / ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସୁରେନ୍ଦ୍ର ନାଥ ମୁର୍ମୁ/ଅତିରିକ୍ତ ଜିଲ୍ଲାପାଳ( ପ୍ରଶାସନ )ପ୍ରତାପ ଚନ୍ଦ୍ର ବେଉରା / ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା/ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନସେଠୀ /ସି ଡ଼ି ଏମ୍‌ଓ, ଡଃ ରାଜଲକ୍ଷ୍ମୀ ପଟ୍ଟନାୟକ / ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର/ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ? ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଉଦ୍ଘାଟିତ



ନୀଳଗିରି, ୦୧/୧୦ (ନି.ପ୍ର): ଆଗାମୀ ୧୫ ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟ, ସମସ୍ତ ମହାବିଦ୍ୟାଳୟ, କୋଚିଂ ସେଣ୍ଟର, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ମନ୍ଦିର, ପୂଜା ମଣ୍ଡପରେ ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ତରଫରୁ ସଦସ୍ୟତା ଅଭିଯାନ କରାଯିବ । ସେହି କ୍ରମରେ ଆଜି ନୀଳଗିରି ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ତରଫରୁ ନୀଳଗିରି ମହାବିଦ୍ୟାଳୟ ସମ୍ମୁଖରେ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କିଛି ସମୟ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନୀଳଗିରି ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ପଙ୍କଜ କୁମାର ପଣ୍ଡା, ତରୁଣ ଜେନା, ବିଶ୍ୱରାମ ମିଶ୍ର, ଗୋପୀବଲ୍ଲଭ ରାଉତ, ସନ୍ତୋଷ ନାୟକ, ରଂଜିତ ପଣ୍ଡିତ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ୧୮ ବର୍ଷରୁ ଉର୍ଦ୍ଧ ଶତାଧିକ ସ୍ୱେଚ୍ଛାକୃତ ଆଗ୍ରହୀ ଛାତ୍ର ଛାତ୍ରୀ ମାନଙ୍କୁ ସଦସ୍ୟତା ପ୍ରଦାନ କରଥିଲେ ।

# କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୪ ଅନୁଷ୍ଠିତ



ବସ୍ତା, ୦୧/୧୦ (ନି.ପ୍ର): ବସ୍ତା ବ୍ଲକ ଭେଲୋରା କ୍ଷୀରୋଦା ମଣି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଭେଲୋରା ସିଆରସିସି ଅସିତ୍ କୁମାର ଦାସଙ୍କ ସଭାପତିତ୍ୱ କରିଥିବା ବେଳେମୁଖ୍ୟ ଅତିଥି ଭାବରେ ପଞ୍ଚାୟତ ସମିତି ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ,ମୁଖ୍ୟ ବକ୍ତା ଭାବେ ସନ୍ତୋଷ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ଭେଲୋରା ସମିତି ସଦସ୍ୟ ଅନାଦି ଦାସ,ସନ୍ତୋଷପୁର ପଞ୍ଚାୟତ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ଶିକ୍ଷକ ପ୍ରଦୀପ କୁମାର ସାହୁ, ସମାଜ ସେବୀ ସନ୍ତୋଷ କୁମାର ଦାସ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ଫ ସେହିପରି ପାଉଁଶକୁଲି କ୍ଲଷ୍ଟର ଅଧିନସ୍ଥ ବେଗୁନିଆ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଶିଶୁ ପ୍ରତିଭା ର ନିଆରା କାର୍ଯ୍ୟକ୍ରମ ସୁରଭି -୨୦୨୪ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ,ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଭାବେ ପାଉଁଶକୁଲି ପଞ୍ଚାୟତର ସରପଞ୍ଚ ବିନ୍ଦୁବାଳା ସେନାପତି ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଇନ୍ଦୁମାଧବ୍ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟା ସୁମିତ୍ରାପାତ୍ର, ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରହରି ସାହୁ, ପ୍ରାକ୍ତନ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ , ପାଉଁଶକୁଲି ସିଆରସିସି ତପନ କୁମାର ସେଣ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୂର୍ଣ୍ଣେନ୍ଦୁ ସାହୁ, ସାମ୍ବାଦିକ ଅଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ସୁରଭି ଓ ଓଡ଼ିଶାର ଲୋକକଳା ର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଆଲୋକ ପାତ କରିଥିଲେ। ଏହି ଅବସରରେ ମଞ୍ଚଶିନ ଅତିଥି ଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀ ଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷକ ଜଗନ୍ନାଥ ମଲ୍ଲିକ ଅତିଥି ପରିଚୟ ପ୍ରଦାନ ଶୁଭେନ୍ଦୁ ସାହୁ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଶିକ୍ଷକ ସୁକାନ୍ତ ବେହେରା, ସୁମତି ପାଲ, ଡ଼ାନିଏଲ ବାରିକ ,ସର୍ବେଶ୍ୱର ସିଂହ ପରିଚାଳନାରେ ସହଯୋଗ କରିଥିଲେ।

# ସର୍ବସାଧାରଣଙ୍କ ପାଇଁ ଆଜିଠାରୁ ଖୋଲିଲା ମନ୍ମଥ-ମନୋଜ ସ୍ମାରକୀ



ବାଲେଶ୍ୱର, ୦୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଶଙ୍ଖାରିସ୍ଥିତ ମନ୍ମଥ-ମନୋଜ ସ୍ମାରକୀକୁ ଆଜିଠାରୁ ଜନସାଧାରଣଙ୍କ ନିମନ୍ତେ ଆନୁଷ୍ଠାନିକ ଭାବେ ଖୋଲାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ମନ୍ମଥ-ମନୋଜ ସ୍ମାରକୀ ପରିସର ପ୍ରତି ଦିନ ସକାଳ ୬ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବ। କେବଳ ସୋମବାର ଦିନ ରକ୍ଷଣାବେକ୍ଷଣ ନିମନ୍ତେ ଏହା ବନ୍ଦ ରହିବ। ଏହି ପରିସର ମଧ୍ୟରେ ଥିବା ସ୍ମାରକୀ ସଂଗ୍ରହାଳୟ ଏବଂ ପାଠାଗାର ଉକ୍ତ ଦିନ ଗୁଡିକରେ ପୂର୍ବାହ୍ନ ୧୦ ଟାରୁ ସନ୍ଧ୍ୟା ୫ ଟା ୩୦ ମି ସମୟ ପର୍ଯ୍ୟନ୍ତ ଖୋଲା ରହିବ। ସାଂସ୍କୃତିକ ସଚେତନତା ଓ ସ୍ଥାନୀୟ ଐତିହ୍ୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମନ୍ମଥ-ମନୋଜ ସ୍ମାରକୀ ପରିସରକୁ ପ୍ରବେଶ ସମସ୍ତ ଦର୍ଶକଙ୍କ ପାଇଁ ମାଗଣା ରହିବ। ସ୍ମାରକୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଦର୍ଶକଙ୍କ ଠାରୁ ୧୦ ଟଙ୍କା ଆଦାୟ କରାଯିବ। ଏଠାରେ ପ୍ରକାଶ ଥାଉ କି, ଗତ ତା-୨୮.୦୨.୨୦୨୪ରିଖ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ମନ୍ମଥ-ମନୋଜ ସ୍ମାରକୀର ଶୁଭଉଦ୍ଘାଟନ କରାଯାଇଥିଲା । ସମୁଦାୟ ପ୍ରକଳ୍ପ ମୂଲ୍ୟ ୧୫ କୋଟିରୁ ଉର୍ଦ୍ଧ୍ୱରେ ଏହି ଐତିହାସିକ ସ୍ମାରକୀର ନିର୍ମାଣ କରାଯାଇଛି । ଏହି ସ୍ମାରକୀର ସୁପରିଚାଳନା ନିମନ୍ତେ ଭୋଗରାଇ ବ୍ଲକ ପ୍ରଶାସନକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହି ଅବସରରେ ଆଜି ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଛାତ୍ରଛାତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ 'ସ୍ୱଚ୍ଛତା ହି ସେବା' ଅନ୍ତର୍ଗତ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ବଡ଼ସାହି , ୦୧/୧୦ (ନି.ପ୍ର): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସ୍ୱେଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ଦିବସ ଉପଲକ୍ଷେ ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଇତିହାସ ବିଭାଗର ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର ଯୋଗଦାନ କରି ସେବା ହିଁ ମାନବ ସମାଜକୁ ଉତ୍ତମ ଦିଗ୍ ଦର୍ଶନ ଦେଇ ଥାଏ ବୋଲି ମତବ୍ୟକ୍ତ କରି ଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର ରିତୁଲତା ବିଶ୍ୱାଳ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଜାତୀୟ ସେବା ଯୋଜନାରେ ଯୋଗଦାନ କରି ନିଜର ଅନ୍ତର୍ନିହିତ ସୁଗୁଣ ପରିପ୍ରକାଶ କରିବା ସହ ନିଜର ପରିଚୟ ସୃଷ୍ଟି କରିବାକୁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦର୍ଶନ ବିଭାଗର ଅଧ୍ୟାପିକା ସଂଧାରାଣୀ ଦାସ ସ୍ୱେଚ୍ଛତା ହିଁ ସେବା ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ପବିତ୍ରା ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଜୀବ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଭାବକ ମହଲରେ ଚର୍ଚ୍ଚା: ଅଧ୍ୟକ୍ଷ ଡ଼.ପ୍ରଦୀପ କୁମାର ଗିରିଙ୍କ ଅବଦାନକୁ ଭୁଲିହେବ ନାହିଁ

ଉଦଳା , ୦୧/୧୦ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଅଭିବାବହକ ଓ ଅଧ୍ୟାପକ/ଅଧ୍ୟାପିକା ମାନଙ୍କର ଏକ ମିଳିତ ବୈଠକ ଗତ ସେପ୍ଟେମ୍ବର ୩୦ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ବୈଠକରେ ଅଧ୍ୟକ୍ଷତା କରି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ରାଜ୍ୟସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ (ଆପାର) କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ଗିରି ଓ ସିଆରସିସି ବିଜୟ କୁମାର ବେହେରା କାର୍ଯ୍ୟକ୍ରମରେ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ (ଆପାର) କଣ ଓ ଏହାଦ୍ୱାରା ଛାତ୍ର ଛାତ୍ରୀ ମାନେ କିପରି ଉପକୃତ ହେବେ ଏବଂ ଏହାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ବହୁସଂଖ୍ୟାରେ ଅଭିବାବହକ ଉକ୍ତ ବୈଠକରେ ଉପସ୍ଥିତ ରହି ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଗିରିଙ୍କର ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ଥିବା ଅବଦାନ ଓ ଦକ୍ଷତାର ସହ ପରିଚାଳନା ପାଇଁ ପ୍ରଶଂସା କରିଥିଲେ । ଯେଉଁଥିପାଇଁ ଆଜି ସମଗ୍ର କପ୍ତିପଦା ଉପଖଣ୍ଡରେ ରୋହିଦାସ ସୋରେନ ମହାବିଦ୍ୟାଳୟ ସୁନାମ ଅର୍ଜନ କରିପାରିଛି ବୋଲି ଅଭିବାବହକ ମାନେ ମତ ଦେଇଥିଲେ । ପ୍ରାରମ୍ଭରେ ଅଧ୍ୟାପକ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଲିନା ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଷଣ୍ଢ ଆକ୍ରମଣରେ ୧ ମୃତ, ୩ ଆହତ

ଜଳେଶ୍ୱର, ୦୧/୧୦ (ନି.ପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଗ୍ରାମର ଗଜେନ୍ଦ୍ର ବେହେରା ଙ୍କ ପୁତ୍ର ନାରାୟଣ ବେହେରା ଆଜି ସକାଳ ୭ ଟା ସମୟ ରେ ନାରାୟଣ ବେହେରା (୫୦) ରେ ବାଉଁଶବଣି ଗ୍ରାମକୁ ଏକ ସାଇକଲ ରେ ଶାଳ ପତ୍ର ଆଣିବା ପାଇଁ ଯାଇଥିବା ସମୟ ରେ ବେଗୁନିଆ ଘାଟି ନିକଟରେ ତାଙ୍କୁ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରି ତାଙ୍କୁ କ୍ଷତାକ୍ତ କରିଥିଲା ଏବଂ ପରେ ତାଙ୍କୁ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟ ନେଇଥିଲେ ସେଠାରେ ସେ ମୃତ୍ୟୁ ବରଣ କରିଥିଲେ ଏବଂ ପରିବାର ଲୋକ ଶବ କୁ ବ୍ୟବଚ୍ଛେଦ କରି ଗାଁ କୁ ଆଣିଥିଲେ। ଉକ୍ତ ଷଣ୍ଢ ଟି ଆହୁରି ତିନିଜଣଙ୍କୁ ଆହାତ କରିଛି ସେମାନେ ଏବେ ହାତୀଗଡ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।ଗାଁ ଲୋକ କବାଟଘାଟି ଗ୍ରାମରେ ଉକ୍ତ ଷଣ୍ଢ ଟିକୁ ବାନ୍ଧି ରଖିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo